

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



+Vol - 21+ Issue No:168+ 14 October 2025 (Tuesday) + Rourkela + Rs.2.00 + Page -1 +୨୧ ବର୍ଷ +ସଂଖ୍ୟା:୧୬୮+୧୪ ଅକ୍ଟୋବର ୨୦୨୫ (ମଙ୍ଗଳବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


## ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ଆଲୋଚନା ଚକ୍ରରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

### କହିଲେ-'ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ

ଭୁବନେଶ୍ୱର, ୧୩/୧୦(ନି/ପ୍ର): ସୋମବାର ପୁରୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସନ୍ଦର୍ଭରେ, ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କରେ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି । ସେ କହିଛନ୍ତି ଯେ, ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଯାହାକି ଆମ ଦେଶର ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବାର ଲକ୍ଷ୍ୟ ରଖିଛି । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ପରମ୍ପରା ଓ ମୂଲ୍ୟବୋଧ ଉପରେ ନିର୍ଭର କରୁଥିବାବେଳେ ଏସଡିଜି ୪ ସହିତ ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷିତ ଲକ୍ଷ୍ୟ ସହିତ ସମତୁଲ ଏକ ନୂତନ ବ୍ୟବସ୍ଥା ପ୍ରଚଳନ ପାଇଁ ନିୟମାବଳୀ ଓ ପ୍ରଶାସନ ସହିତ ଶିକ୍ଷା ସଂରଚନାର ସମସ୍ତ ଦିଗଗୁଡ଼ିକର ସଂଶୋଧନ ଓ ପୁନଃନିର୍ମାଣ ପାଇଁ ପ୍ରସ୍ତାବ ଦେଇଛି । ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି । ଶିକ୍ଷା ନୀତି ଏହି ସିଦ୍ଧାନ୍ତ ଉପରେ ଆଧାରିତ ଯେ, ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ– ସ୍ୱାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର "ମୌଳିକ ସାମର୍ଥ୍ୟ" ଏବଂ ବିଶ୍ଳେଷଣାତ୍ମକ ଚିନ୍ତନ । ଏହି ରାଷ୍ଟ୍ରୀୟ ଶିକ୍ଷା ନୀତି ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ, ଯାହାକି ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ । ଅର୍ଥାତ ଏକ ସମାନତା ଓ ଉତ୍ସାହୀ ଜ୍ଞାନଭିତ୍ତିକ ସମାଜରେ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ । ମୁଖ୍ୟମନ୍ତ୍ରୀ ଏହି ସମୟର ଯୁବବର୍ଗଙ୍କୁ ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି ଓ ଗୌରବମୟ ଇତିହାସ ସହ ପରିଚିତ କରାଇବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି । ସେ କହିଛନ୍ତି ଯେ, ଭାରତ ଏକ ଏଭଳି ଦେଶ ଯାହା ବିଦେଶୀ ଆକ୍ରମଣ ସତ୍ତ୍ୱେ ମଧ୍ୟ ନିଜର ଆଦି ଜ୍ଞାନ ଓ ସଂସ୍କୃତିକୁ ଅବିକଳ ରଖିଛି । ଏହି ଐତିହ୍ୟକୁ ସୁରକ୍ଷିତ ଓ ସକ୍ରିୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ । ନିଜର ପ୍ରାଚୀନ ଜ୍ଞାନ ଏବଂ ସଂସ୍କୃତିକୁ ବଜାୟ ରଖିବା ଯେ କୌଣସି ଜାଗାରୁ ରାଷ୍ଟ୍ରର କର୍ତ୍ତବ୍ୟ ଅଟେ । କଳା, ସଙ୍ଗୀତ, ସାହିତ୍ୟ, ନ୍ୟାୟ, ଦର୍ଶନ, ସ୍ଥାପତ୍ୟ, ଯୋଗ, ବିଜ୍ଞାନ, ଧାତୁ ବିଜ୍ଞାନ, ଜ୍ୟୋତିଷ, ଭୂଗୋଳ, ଗଣିତ, ଚିକିତ୍ସା, ରସାୟନ ଶାସ୍ତ୍ର ଏବଂ କୃଷି ଆଦି



ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ଚିନ୍ତନ ଏବଂ ଗବେଷଣା ଉପଲବ୍ଧ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଉନ୍ନତ ମଣିଷ ସୃଷ୍ଟି କରିବା, ଯାହାଠାରୁ ଯୁକ୍ତିପୂର୍ଣ୍ଣ ଚିନ୍ତନ, ଦୟା ଓ ସମାନୁଭୂତି, ସାହସ ଓ ସ୍ଥିରତା, ବୈଜ୍ଞାନିକ ଭାବଧାରା, ସୃଜନଶୀଳ କଳ୍ପନା ଏବଂ ନୈତିକ ମୂଲ୍ୟବୋଧର ବିକାଶ ହେବ । ସେ କହିଛନ୍ତି ଯେ, ଏକ ଉନ୍ନତ ଶିକ୍ଷାନୁଷ୍ଠାନ ସେହିଠି ଯେଉଁଠି ଶିକ୍ଷାର୍ଥୀ ନିଜକୁ ଦ୍ୱିତୀୟ ଘରରେ ଅନୁଭବ କରନ୍ତି, ଯେଉଁଠି ସୁରକ୍ଷିତ, ପ୍ରେରଣାଦାୟୀ ଓ ସମାନତାପୂର୍ଣ୍ଣ ପରିବେଶ ରହେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଶିକ୍ଷାନୀତି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସମ୍ବିଧାନିକ ମୂଲ୍ୟବୋଧ ଏବଂ ଦେଶପ୍ରେମର ଭାବନା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଶିକ୍ଷା କେବଳ ନିଜ ସ୍ୱାର୍ଥ ପାଇଁ ନୁହେଁ, ବରଂ ସମସ୍ତଙ୍କ ହିତ ଏବଂ ସମାଜ କଲ୍ୟାଣ ପାଇଁ ଅଟେ — ଏହା ହେଉଛି ଭାରତୀୟ ଜ୍ଞାନ ପରମ୍ପରାର ମୂଳ ମନ୍ତ୍ର ।

## ନୂଆପଡ଼ା ଉପନିର୍ବାଚନ ବିଜ୍ଞପ୍ତି :

### ନଭେମ୍ବର ୧୧ରେ ଭୋଟ୍, ୧୪ରେ ଫଳାଫଳ




ଭୁବନେଶ୍ୱର,୧୩/୧୦(ନି/ପ୍ର): ନୂଆପଡ଼ା ଉପନିର୍ବାଚନ ଲାଗି ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଜିଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେଉଛି । ଅକ୍ଟୋବର ୨୦ ତାରିଖ ଯାଏଁ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିପାରିବେ । ୨୨ରେ ପ୍ରାର୍ଥୀପତ୍ର ଯାଚଂ କରାଯିବ । ଠିକ୍ ସେହିପରି ୨୨ ତାରିଖରେ ପ୍ରାର୍ଥୀପତ୍ର ଯାଚଂ କରାଯିବ ଏବଂ ଅକ୍ଟୋବର ୨୪ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ । ଆଜିଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେଉଛି । ଅକ୍ଟୋବର ୨୦ ତାରିଖ ଯାଏଁ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିପାରିବେ । ୨୨ରେ ପ୍ରାର୍ଥୀପତ୍ର ଯାଚଂ କରାଯିବ । ଠିକ୍ ସେହିପରି ୨୨ ତାରିଖରେ ପ୍ରାର୍ଥୀପତ୍ର ଯାଚଂ କରାଯିବ ଏବଂ ଅକ୍ଟୋବର ୨୪ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ । ନଭେମ୍ବର ୧୧ ତାରିଖରେ ମତଦାନ ହେବ ଏବଂ ୧୪ରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷିତ ହେବ । ନଭେମ୍ବର ୧୧ ତାରିଖରେ ମତଦାନ ହେବ ଏବଂ ୧୪ରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷିତ ହେବ । ୧୬ ତାରିଖ ସୁଦ୍ଧା ନୂଆପଡ଼ା ଉପନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

## 'ଟାରିଫ୍ ଭାରତ-ପାକିସ୍ତାନ ଯୁଦ୍ଧକୁ ୨୪ ଘଣ୍ଟାରେ ସମାଧାନ କଲା'

### ପୁଣି ସିଜଫାୟାରର କ୍ରେଡିଟ୍ ନେଲେ ଟ୍ରମ୍ପ



ନୂଆଦିଲ୍ଲୀ,୧୩/୧୦:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ଗାଜା ଯୁଦ୍ଧ ଶେଷ କରିବା ଲାଗି ଆଜି ଇଜିପ୍ଟରେ ଆଲୋଚନା ହେବ । ଭାରତ ସମେତ ୨୦ରୁ ଅଧିକ ବିଶ୍ୱନେତା ସାମିଲ ହେବେ । ମଧ୍ୟପ୍ରାଚ୍ୟ ଗସ୍ତ ପୂର୍ବରୁ ବଡ଼ ବୟାନ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ମୁଁ ଯୁଦ୍ଧ ରୋକିବାରେ ମାହିର । ଭାରତ-ପାକିସ୍ତାନ ଯୁଦ୍ଧ କଥା ମନେପକାଅ । ଟାରିଫ୍ ପାଇଁ ୨୪ ଘ[ାରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହୋଇଥିଲା । ନୋବେଲ ପୁରସ୍କାର ପାଇଁ ଏ ସବୁ କରିନାହିଁ । ପୁଣି ଭାରତ-ପାକିସ୍ତାନ ସିଜଫାୟାରର ଶ୍ରେୟ ନେଇ ନେଇ ଏହା କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ।ମଧ୍ୟପ୍ରାଚ୍ୟ ଗସ୍ତ ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରାମ କଥା ଦୋହରାଇଛନ୍ତି । ସେ କହିଛନ୍ତି, ''ଗାଜାରେ ହମାସ୍-ଇସ୍ରାଏଲ ଅଷ୍ଟମ ଯୁଦ୍ଧ ହେବ ଯାହାକୁ ଆମେ ସମାଧାନ କରିଛୁ । ଥରେ ଭାରତ-ପାକିସ୍ତାନ ଯୁଦ୍ଧ କଥା ମନେ ପକାନ୍ତୁ । କିଛି ଯୁଦ୍ଧକୁ ଆମେ ଆର୍ଥିକ ଉପାୟ ଯେପରି ବ୍ୟବସାୟ ଏବଂ ଟାରିଫ୍ ଜରିଆରେ ସମାଧାନ କରିଛୁ । ଯେଉଁଥିରେ ଭାରତ-ପାକିସ୍ତାନ ଯୁଦ୍ଧ ସାମିଲ ଅଛି । ଟାରିଫ୍ ପାଇଁ ୨୪ ଘଣ୍ଟା ଭିତରେ ଭାରତ-ଆମେରିକା ଯୁଦ୍ଧବିରତି ହୋଇଥିଲା । କିଛି ଯୁଦ୍ଧ ୩୧,୩୧ କିମ୍ବା ୩୭ ବର୍ଷ ଧରି ଚାଲିଥିଲା । ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା । ମୁଁ ଅଧିକାଂଶ ଯୁଦ୍ଧକୁ ଗୋଟିଏ ଦିନ ଭିତରେ ସମାଧାନ କରିଛି । ଏ ସବୁ ମୁଁ ନୋବେଲ ଶାନ୍ତି ପୁରସ୍କାର ପାଇଁ କରିନାହିଁ ।''

## ଅର୍ଥନୀତିରେ ୩ ଜଣଙ୍କୁ ନୋବେଲ



ନୂଆଦିଲ୍ଲୀ,୧୩/୧୦: ଅର୍ଥନୀତିରେ ୩ ଜଣଙ୍କୁ ନୋବେଲ ପୁରସ୍କାର ମିଳିଛି । ସେମାନେ ହେଲେ ଜୋଏଲ ମୋକିର, ଫିଲିପ ଆଘିଅନ ଏବଂ ପିଟର ହାଓ୍ୱିଟ । 'ଅଭିନବୀକରଣ ଆଧାରିତ ଅର୍ଥନୈତିକ ଅଭିବୃଦ୍ଧି' ଉପରେ ବିଶ୍ଳେଷଣ ପାଇଁ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାର ବିଜେତାମାନଙ୍କୁ ୧୧ ନିୟୁତ ସ୍ୱେଡିଶ କ୍ରନର ପ୍ରଦାନ କରାଯିବ । ସେଥିରୁ ଜୋଏଲ ମୋକିରଙ୍କୁ ଅଧା ଏବଂ ଅନ୍ୟ ୨ ଜଣଙ୍କୁ ଅଧା ଅର୍ଥ ପୁରସ୍କାର ବାବଦରେ ପ୍ରଦାନ କରାଯିବ । ଜୋଏଲ ମୋକିର ନେଦରଲାଣ୍ଡର ଲିଡେନଠାରେ ୧୯୪୬ରେ ଜନ୍ମଗ୍ରହଣ କରିଥିଲେ । ସେ ହରବ୍ୟୁ ବିଶ୍ୱବିଦ୍ୟାଳୟରୁ ୧୯୬୮ରେ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଫିଲିପ ଆଘିଅନ ୧୯୫୬ରେ ଫ୍ରାନ୍ସର ପ୍ୟାରିସରେ ଏବଂ ପିଟର ହାଓ୍ୱିଟ ୧୯୪୬ରେ କାନାଡ଼ାରେ ଜନ୍ମଲାଭ କରିଥିଲେ ।

## ଅପରେସନ ବ୍ଲୁ-ଷ୍ଟାର ଭୁଲ୍ ନିଷ୍ପତି ଥିଲା : ଚିଦମ୍ବରମ୍



ନୂଆଦିଲ୍ଲୀ,୧୩/୧୦: ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରକୁ ଦଖଲ କରିବା ଲାଗି ୧୯୮୪ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ ସରକାର ଯେଉଁ ଅଭିଯାନ 'ଅପରେସନ୍ ବ୍ଲୁ-ଷ୍ଟାର' କରିଥିଲେ ତାହା ଏକ ଭୁଲ୍ ନିଷ୍ପତି ଥିଲା । ଆଉ ଏହି ଭୁଲ୍ ନିଷ୍ପତ୍ତି ପାଇଁ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଜୀବନ ଦେବାକୁ ପଡିଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ପି ଚିଦମ୍ବରମ୍ କହିଛନ୍ତି । ଶନିବାର ଖୁସଓ୍ୱନ୍ତ ସିଂହ ସାହିତ୍ୟ ଉତ୍ସବ ୨୦୨୫ରେ ଯୋଗ ଦେଇ ଚିଦମ୍ବରମ୍ କହିଛନ୍ତି ଯେ 'ଅପରେସନ୍ ବ୍ଲୁ ଷ୍ଟାର' ପାଇଁ ସେନା, ପୁଲିସ, ଗୁଇନ୍ଦା ଓ ସାଧାରଣ ପ୍ରଶାସନ ମିଳିତ ଭାବେ ନିଷ୍ପତି ନେଇଥିଲେ । ନିଷ୍ପତ୍ତି ଆଧାରରେ ୧୯୮୪ ଜୁନ୍ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ହୋଇଥିବା ସ୍ୱର୍ଣ୍ଣ ମନ୍ଦିରରେ ସଶସ୍ତ୍ର ସେନା ପ୍ରବେଶ କରି ଶିଖ ଆତଙ୍କବାଦୀଙ୍କୁ ନିପାତ କରିଥିଲେ । ଜୁନ୍ ୬ରେ ଇନ୍ଦିରା ଗାନ୍ଧୀ ସେନାକୁ ସ୍ୱର୍ଣ୍ଣ ମନ୍ଦିରରେ ପ୍ରବେଶ ଲାଗି ନିର୍ଦ୍ଦେଶ ଦେଇଥିଲେ । ଜର୍ଣ୍ଣେଲ ସିଂହ ଭିନ୍ଦ୍ରନଓ୍ୱାଲେଙ୍କ ନେତୃତ୍ୱରେ ଶିଖ୍ ଆତଙ୍କବାଦୀମାନେ ଚଳାଇଥିବା ଆତଙ୍କବାଦକୁ ଦମନ କରିବା ଲାଗି ଇନ୍ଦିରା ଏହି ନିର୍ଦ୍ଦେଶ ଦେଇଥିଲେ । ସ୍ୱର୍ଣ୍ଣ ମନ୍ଦିରରେ ଶିଖ ଆତଙ୍କବାଦୀମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ । ଏଠାରେ ଅନେକ ଆତଙ୍କବାଦୀ ଆତ୍ମଗୋପନ କରିଥିଲେ । 'ଅପରେସନ୍‌ବ୍ଲୁଷ୍ଟାର'ର କିଛି ମାସ ପରେ ୧୯୮୪ ଅକ୍ଟୋବର ୩୧ରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା । ଅପରେସନ୍ ବ୍ଲୁ ଷ୍ଟାରର ପ୍ରତିଶୋଧ ନେବା ପୂର୍ବକ ଇନ୍ଦିରାଙ୍କୁ ତାଙ୍କର ଦୁଇ ଜଣ ଅଙ୍ଗରକ୍ଷୀ ବିୟନ୍ତ ସିଂହ ଓ ସତଓ୍ୱନ୍ତ ସିଂହ ଗୁଳିକରି ହତ୍ୟା କରିଥିଲେ । ଚିଦମ୍ବରମ୍‌ଙ୍କ ଆଜିର ଏହି ମନ୍ତବ୍ୟକୁ ନେଇ କଂଗ୍ରେସ ନେତୃବୃନ୍ଦ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କଂଗ୍ରେସ ନେତା ରସିଦ୍ ଆଲଭି କହିଛନ୍ତି ଯେ ଚିଦମ୍ବରମଙ୍କୁ ଏପରି ମନ୍ତବ୍ୟ ଦେବାକୁ ବାଧ କରାଯାଉଛି । କାରଣ ତାଙ୍କ ବିରୋଧରେ ଅନେକ ମାମଲା ରହିଛି । ମାମଲାରେ ଗିରଫ ହେବାର ଭୟରେ ସେ ଏପରି ଦଳ ବିରୋଧୀ ମନ୍ତବ୍ୟ ଦେଉଛନ୍ତି । ତେବେ କଂଗ୍ରେସ ଦଳ ଠାରୁ ସବୁକିଛି ହାସଲ କରିଥିବା ଚିଦମ୍ବରମ୍ ଏପରି ମନ୍ତବ୍ୟ ଦେବା ସମୟରେ ସତର୍କ ରହିବା ଦରକାର । କାରଣ ଏହାଦ୍ୱାରା କଂଗ୍ରେସ ସାଧାରଣରେ ନିନ୍ଦିତ ହେଉଛି । କଂଗ୍ରେସ ନେତୃତ୍ୱ ୟୁପିଏ ସରକାର ସମୟରେ ଚିଦମ୍ବରମ୍ ସ୍ୱରାଷ୍ଟ୍ର ଓ ଅର୍ଥଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ରହିଥିଲେ । କିଛି ଦିନ ତଳେ ଚିଦମ୍ବରମ୍ ୨୬/୧୧ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଅନୁରୂପ ମନ୍ତବ୍ୟ ଦେଇଥିଲେ । ସେ କହିଥିଲେ ଯେ ଆମେରିକା ଓ ଆନ୍ତର୍ଜାତିକ ଚାପ ଯୋଗୁଁ ୨୦୦୮ ମୁମ୍ବଇ ଆକ୍ରମଣ ପରେ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ତତ୍କାଳୀନ ୟୁପିଏ ସରକାର ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଇଥିଲା ।

## ଖାଇକୁ ଖସିଲା ବସ୍, ୪୨ ଯାତ୍ରୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୧୩/୧୦: ଦକ୍ଷିଣ ଆଫ୍ରିକାର ଉତରରେ ଏକ ପାହାଡ ଘେରା ଅଂଚଳରେ ଏକ ଭୟଙ୍କର ବସ୍ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଅତି କମରେ ୪୨ ଜଣଙ୍କର ମୃତ୍ୟୁ ହୋଇଛି । ରାଜଧାନୀ ପ୍ରିଟୋରିଆରୁ ପ୍ରାୟ ୪୦୦ କିଲୋମିଟର ଉତରରେ ଲୁଇସ୍ ଟ୍ରେଚର୍ଡ ସହର ନିକଟରେ ଘ୧ ରାଜପଥରେ ଏହି ଦୁର୍ଘଟଣା ଘଟିଛି । ସୋମବାର ଦିନ ଅଧିକାରୀ ମାନେ ଏହି ସୂଚନା ଦେଇଛନ୍ତି । ରୋଡ୍ ଟ୍ରାଫିକ୍ ମ୍ୟାନେଜମେଂଟ କର୍ପୋରେସନର ମୁଖପାତ୍ର ସାଇମନ ଜ୍ୱାନେ ଦକ୍ଷିଣ ଆଫ୍ରିକାର ନ୍ୟୁଜ୍ ୨୪ ସମାଚାର ଆଉଟଲେଟ୍‌କୁ କହିଛନ୍ତି ଯେ, କର୍ତ୍ତୃପକ୍ଷ ୪୨ ଜଣଙ୍କ ମୃତ୍ୟୁ ନିର୍ଶ୍ଚିତ କରିଛନ୍ତି । ଏହି ମୃତ୍ୟୁ ସଂଖ୍ୟା ଆଗକୁ ବଢ଼ିପାରେ । ପ୍ରାଦେଶିକ ସରକାର କହିଛନ୍ତି ଯେ, ଏକ ପାହାଡିଆ ଘାଟି ନିକଟରେ ବସ୍ ଟି ରାସ୍ତାରୁ ଖସି ପଡ଼ିବା ଫଳରେ ଦୁର୍ଘଟଣା ଘଟିଥିଲା । ଅଧିକାରୀ ମାନେ କହିଛନ୍ତି ଯେ ବସ୍ ଟି ଦକ୍ଷିଣ ଆଫ୍ରିକାର ପୂର୍ବ କେପ୍‌ରୁ ଦେଶର ଦକ୍ଷିଣକୁ ଯାତ୍ରା କରୁଥିଲା । ଲିମ୍ପୋପୋ ପ୍ରାଦେଶିକ ସରକାର ଏକ ବିବୃତ୍ତିରେ କହିଛନ୍ତି ଯେ ବସ୍ ଟି ଜିମ୍ବାଓ୍ୱେ ଏବଂ ମଲାଓ୍ୱି ନାଗରିକ ମାନଙ୍କୁ ନେଇ ନିଜ ଦେଶକୁ ଫେରୁଥିବା ବିଶ୍ୱାସ କରାଯାଉଛି । ପ୍ରାଦେଶିକ ସରକାର ତୁରନ୍ତ ଆହତଙ୍କ ସଂଖ୍ୟା ପ୍ରକାଶ କରି ନାହାଁନ୍ତି, କିନ୍ତୁ ଅନେକ ବଂଚିଥିବା ଲୋକଙ୍କୁ ହସ୍ପିଟାଲକୁ ନିଆଯାଇଛି । ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା ବସ୍ ଦୁର୍ଘଟଣା ପାଇଁ ଶୋକ ପ୍ରକାଶ କରିଛନ୍ତି ।

## ମମତାଙ୍କୁ କଡା ସମାଲୋଚନା କଲେ ପ୍ରଭାତି :

### କହିଲେ ମହିଳାଙ୍କୁ ନିରାଶ କରିଛି ବୟାନ



ଭୁବନେଶ୍ୱର,୧୩/୧୦(ନି/ପ୍ର): ପଶ୍ଚିମବଙ୍ଗ ଦୁର୍ଗାପୁରରେ ଜଣେ ଓଡ଼ିଶା ଏମବିବିଏସ୍ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ମମତା ବାନାର୍ଜୀଙ୍କ ବୟାନକୁ ନେଇ ରାଜନୀତି ଜୋର ଧରିଛି । ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମମତାଙ୍କୁ ଟାର୍ଗେଟ କରିବା ସହ କଡା ସମାଲୋଚନା କରିଛନ୍ତି । ପ୍ରଭାତି କହିଛନ୍ତି ମହିଳାଙ୍କୁ ନିରାଶ କରିଛି ମମତା ବାନାର୍ଜୀଙ୍କ ଭଳି ଜଣେ ମହିଳା ନେତୃତ୍ୱ ଓ ଦିଦି ନାମରେ ପରିଚିତ ପ୍ରାପ୍ତ ଜଣେ ମହିଳା ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ – "ରାତିରେ ଝିଅମାନେ ବାହାରକୁ ଆସିବା ଉଚିତ ନୁହେଁ ମନ୍ତବ୍ୟ । କେବଳ ମୋତେ ନୁହେଁ ପଶ୍ଚିମ ବଙ୍ଗଳାରେ ଥିବା ଚାରିକୋଟି ନବେ ଲକ୍ଷ ମହିଳାମାନଙ୍କୁ ଆଶ୍ଚର୍ଯ୍ୟ ଓ ଅପମାନିତ କରିଛି । ପୀଡିତାକୁ ନ୍ୟାୟ ଦେବା ବଦଳରେ ଲିଙ୍ଗଭିତିକ ଅସମାନତା ଆଣିବା, ଝିଅମାନଙ୍କ ଅଧିକାର ଉପରେ ପ୍ରଶ୍ନ ଉଠାଇବାର ଅଧିକାର ମୁଖ୍ୟମନ୍ତ୍ରୀଙ୍କର ନାହିଁ । ଆଉ ଯଦି ଓଡ଼ିଆ ଝିଅ ପୀଡିତା ବୋଲି ଦରଦ ନାହିଁ, ଓଡ଼ିଶା ସରକାରଙ୍କୁ ଲେଖି ଦିଅନ୍ତୁ । ଆମ ପିଲାଙ୍କ କଥା ତୁମ ରାଜ୍ୟରେ ବି ଆମେ ବୁଝିପାରିବୁ । ଲଜ୍ଜାବୋଧ ନରହିବା ଅତ୍ୟନ୍ତ ନିନ୍ଦନୀୟ । ମହିଳା ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଯଦି ସମବେଦନା, ସୁରକ୍ଷା, ଅଧିକାର ଝିଅମାନେ ଆଶା କରିବେନି ତାହାହେଲେ କରିବେ କାହାଠାରୁ ବୋଲି ପ୍ରଭାତି ପରିଡା ପ୍ରଶ୍ନ କରିଛନ୍ତି ।

## ଲାଲୁଙ୍କୁ ବଡ ଝଟକା : ଚାଲିବ 'ଜମି ବଦଳରେ ଚାକିରି' ମାମଲା



ନୂଆଦିଲ୍ଲୀ,୧୩/୧୦: ବିହାର ବିଧାନସଭା ନିର୍ବାଚନ ମଧ୍ୟରେ, ଚାକିରି ପାଇଁ ଜମି ମାମଲାରେ ଆରଜେଡିର ସମସ୍ୟା ବଢିଛି । ବାସ୍ତବରେ ଆଜି ରାଉଜ୍ ଆଭେନ୍ୟୁ କୋର୍ଟ ଲାଲୁ ପ୍ରସାଦ ଯାଦବ ଏବଂ ବିହାରର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମକୁ ଗ୍ରହଣ କରିଛନ୍ତି । ଅର୍ଥାତ୍ ସେମାନେ ଏବେ ଏହି ମାମଲାରେ ବିଚାରର ସମ୍ମୁଖୀନ ହେବେ । କୋର୍ଟ ଲାଲୁ ଯାଦବଙ୍କୁ ପଚାରିଥିଲେ ଯେ ସେ ତାଙ୍କର ଦୋଷ ସ୍ୱୀକାର କରିଛନ୍ତି କି ନାହିଁ, ଏବଂ ଲାଲୁ ଯାଦବ, ରାବ୍ରି ଯାଦବ ଏବଂ ତେଜସ୍ୱୀ ଯାଦବ ସେମାନଙ୍କର ଦୋଷ ସ୍ୱୀକାର କରିବାକୁ ମନା କରିଦେଇଥିଲେ । ସେମାନେ କହିଥିଲେ ଯେ ସେମାନେ ବିଚାରର ସମ୍ମୁଖୀନ ହେବେ । ଏହି ସମୟରେ ରାବ୍ରି ଯାଦବ କହିଛନ୍ତି ଯେ ଏହା ଏକ ମିଥ୍ୟା ମାମଲା । କୋର୍ଟ ସ୍ୱୀକାର କରିଛନ୍ତି ଯେ ଏହି ଦୁର୍ନୀତି ଲାଲୁ ଯାଦବଙ୍କ ଜ୍ଞାତରେ କରାଯାଇଥିଲା । କୋର୍ଟ କହିଛନ୍ତି ଯେ ଏହି ମାମଲାରେ ଅଭିଯୁକ୍ତମାନେ ଏକ ବୃହତ ଷଡ଼ଯନ୍ତ୍ରରେ ସାମିଲ ଥିଲେ । ଲାଲୁ ପରିବାର ଏହି ମାମଲାରୁ ଲାଭ ପାଇଥିଲେ । ଚୁକ୍ତିନାମା ବଦଳରେ, ରାବ୍ରି ଏବଂ ତେଜସ୍ୱୀ ବହୁତ କମ୍ ମୂଲ୍ୟରେ ଜମି ପାଇଥିଲେ । ଆରଜେଡି ସୁପ୍ରିମୋ ଲାଲୁ ଯାଦବ କୋର୍ଟରେ ହାଜର ହେବା ପାଇଁ ହ୍ୱିଲଚେୟାରରେ ପହଚିଂଥିଲେ । ତାଙ୍କ ସହିତ ରାବ୍ରୀ ଦେବୀ, ତେଜସ୍ୱୀ ଯାଦବ ଏବଂ ପ୍ରେମଚାନ୍ଦ ଗୁପ୍ତା ମଧ୍ୟ ଥିଲେ । ଉଲ୍ଲେଖ ଥାଉ କି ସିବିଆଇର ଅଭିଯୋଗ ମୁତାବକ ଯେତେବେଳେ ଲାଲୁ ଯାଦବ ସେତେବେଳେ ୟୁପିଏ ସରକାରରେ ରେଳମନ୍ତ୍ରୀ ଥିଲେ, ୨୦୦୪ ରୁ ୨୦୦୯ ମଧ୍ୟରେ, ଗ୍ରୁପ ଡି ରେଳ ଚାକିରି ବଦଳରେ ପ୍ରାର୍ଥୀମାନଙ୍କୁ କମ ମୂଲ୍ୟରେ ଲାଲୁ ପରିବାରକୁ ସେମାନଙ୍କର ଜମି କିମ୍ବା ସମ୍ପତି ହସ୍ତାନ୍ତର କରିବାକୁ ବାଧ କରାଯାଇଥିଲା । ଏହି ମାମଲାରେ, ସିବିଆଇ ମେ ୨୦୨୨ରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ, ବିହାରର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏବଂ ଲାଲୁଙ୍କ ଝିଅ ମୀସା ଭାରତୀଙ୍କ ସମେତ ୧୬ ଜଣଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା । ତଦନ୍ତକାରୀ ସଂସ୍ଥା ଦାବି କରିଥିଲା ଯେ ପାଟନାରେ ଅନେକ ଜମି ଲାଲୁ ପରିବାର ସଦସ୍ୟ ଏବଂ ସେମାନଙ୍କ ନିକଟତମ ସହଯୋଗୀଙ୍କ ନାମରେ ହସ୍ତାନ୍ତର କରାଯାଇଥିଲା । ଲାଲୁ ଯାଦବ, ରାବ୍ରୀ ଯାଦବ, ତେଜସ୍ୱୀ ଯାଦବ, ବିନୟ କୋଚ୍ଚର, ବିଜୟ କୋଚ୍ଚର, ସରଳା ଗୁପ୍ତା, ଲାରା ପ୍ରୋଜେକ୍ଟସ୍ ଏବଂ ପ୍ରେମ ଚାନ୍ଦ ଗୁପ୍ତା ଆଇଆରସିଟିସି ଦୁର୍ନୀତିରେ ଅଭିଯୁକ୍ତ ଥିବା ବେଳେ ଲାଲୁ ଯାଦବ, ରାବ୍ରୀ ଯାଦବ, ତେଜସ୍ୱୀ, ମୀସା ଭାରତୀ, ତେଜ ପ୍ରତାପ, ହେମା ଯାଦବ ଏବଂ ଅନ୍ୟମାନେ ଜମି ବଦଳରେ ଚାକିରି ମାମଲାରେ ଅଭିଯୁକ୍ତ ଅଛନ୍ତି ।

## ରାଜଧାନୀରେ ଚାଂଚଲ୍ୟ :

### ଏମ୍ସ କର୍ମଚାରୀଙ୍କୁ ଗୁଳି କରି ହତ୍ୟା



ଭୁବନେଶ୍ୱର,୧୩/୧୦(ନି/ପ୍ର): ଭୁବନେଶ୍ୱର ସରକାନ୍ତରାରେ ଏମ୍ସରେ କାମ କରୁଥିବା ଜଣେ କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରାଯାଇଥିବାର ଖବର ମିଳିଛି । ଏମ୍ସରେ କାମ କରୁଥିବା ସୁଧାଂଶୁ ଖୁଚିଂଆଙ୍କ ଉପରେ ଦୁର୍ବୃତ୍ତ ଗୁଳିମାଡ଼ କରିଥିବା ଜଣାଯାଇଛି । ସ୍କୁଟିରେ ଦୁର୍ବୃତ ଆସି ଗୁଳି ମାରିଛି । ଜଣେ ଦୁର୍ବୃତ ଥିବା ସୂଚନା ମିଳିଛି । ଭୁବନେଶ୍ୱର ସରକାନ୍ତରାରେ ଏମ୍ସରେ କାମ କରୁଥିବା ଜଣେ କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରାଯାଇଥିବାର ଖବର ମିଳିଛି । ଏମ୍ସରେ କାମ କରୁଥିବା ସୁଧାଂଶୁ ଖୁଚିଂଆଙ୍କ ଉପରେ ଦୁର୍ବୃତ୍ତ ଗୁଳିମାଡ଼ କରିଥିବା ଜଣାଯାଇଛି । ସ୍କୁଟିରେ ଦୁର୍ବୃତ ଆସି ଗୁଳି ମାରିଛି । ଜଣେ ଦୁର୍ବୃତ୍ତ ଥିବା ସୂଚନା ମିଳିଛି । ସକାଳୁ ସକାଳୁ ଏମ୍ସରୁ କାମସାରି ଫେରୁଥିଲେ ସୁଧାଂଶୁ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗୁଳିମାଡ଼ ହୋଇଥିବା ସୂଚନା ରହିଛି । ସକାଳୁ ସକାଳୁ ଏମ୍ସରୁ କାମସାରି ଫେରୁଥିଲେ ସୁଧାଂଶୁ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗୁଳିମାଡ଼ ହୋଇଥିବା ସୂଚନା ରହିଛି । ଏଣେ ଏହି ଘଟଣାରେ ସୁଧାଂଶୁଙ୍କ ଭାଇ ଆଉ ଜଣଙ୍କୁ ସନ୍ଦେହ କରି ବର୍ତ୍ତମାନ ଖଣ୍ଡାରେ ଆକ୍ରମଣ କରିଥିବା ସୂଚନା ମିଳିଛି ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ମଙ୍ଗଳବାର ୧୪ ଅକ୍ଟୋବର ୨୦୨୫**

## ନୋବେଲ ଚରିତ୍ର

ଇଥିଓପିଆ ଓ ଏରିଟ୍ରିଆ ମଧ୍ୟରେ ଚାଲି ଆସିଥିବା ସୀମା ବିବାଦ ଓ ଯୁଦ୍ଧର ଅବସାନ ଘଟାଇ ୨୦୧୯ ମସିହାରେ ଏହି ପୁରସ୍କାର ଜିଣିଥିଲେ ଇଥିଓପିଆର ପ୍ରଧାନମନ୍ତ୍ରୀ ଆବି ଅହମଦ ଅଲି, ଯିଏ ସଂପ୍ରତି ବନ୍ଧୁକ ହସ୍ତେ ପୁଣି ଯୁଦ୍ଧରେ ବ୍ୟାପୃତ । ୨୦୦୬ ମସିହାରେ ଶାନ୍ତି ଲାଗି ନୋବେଲ ପୁରସ୍କାର ଲାଭ କରିଥିବା ବାଂଲାଦେଶୀ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ ଘଟଣାଚକ୍ରରେ ସଂପ୍ରତି ବାଂଲାଦେଶର ଅନ୍ତରୀଣ ଶାସନ ମୁଖ୍ୟ ଏବଂ ସଶସ୍ତ୍ର ଜେହାଦୀ ଗୋଷ୍ଠୀର ସମର୍ଥକ । କହିବାର ତାତ୍ପର୍ଯ୍ୟ ହେଲା ଶାନ୍ତି ପାଇଁ ଦିଆଯାଉଥିବା ନୋବେଲ ପୁରସ୍କାର ତାହାର ଅଧିକାରୀଙ୍କ ଆଦର୍ଶ ସ୍ଥାନୀୟ ଆଚରଣର ଗ୍ୟାରେଟିଂ ହୋଇ ନ ଥାଏ । ଚଳିତ ବର୍ଷ ନୋବେଲ ଶାନ୍ତି ଲାଗି ନୋବେଲ ପୁରସ୍କାରର ଘୋଷଣାକୁ ଯେଉଁ ଭଳି ଆମୋଦ ଓ କୌତୂହଳ ବିଜଡ଼ିତ ଉତ୍କଣ୍ଠାର ସହିତ ଅପେକ୍ଷା କରାଯାଇଥିଲା, ସେମିତି ବୋଧହୁଏ ଏହି ପୁରସ୍କାରର ଇତିହାସରେ କଦାଚିତ୍ ଘଟିଥିବ ! ଏହାର କାରଣ ସୁବିଦିତ ଯେ ପୁରସ୍କାରଟିକୁ କୌଣସିମତେ ପାଇବା ସକାଶେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନିର୍ଲଜତାର ସୀମା ଅତିକ୍ରମକାରୀ ସଘନ ପ୍ରକାଶ୍ୟ କସରତ କରିଥିଲେ, ଯେଉଁଥି ଲାଗି ପ୍ରକୃତ ବିଜେତା କିଏ ହେବ, ତାହା ଦେଖିବା ଥିଲା ଏଭଳି ଉତ୍କଣ୍ଠାର ହେତୁ । ପରିଶେଷରେ ଭେନେଜୁଏଲାର ବିରୋଧୀ ରାଜନେ ?ତିକ ଦଳର ନେତ୍ରୀ ମାରିଆ କୋରିନା ମାଚାଡୋଙ୍କ ନାମ ଘୋଷଣା ସହିତ ସେହି ଉତ୍କଣ୍ଠାର ଅନ୍ତ ଘଟିଛି । ନରୱେର ଅସ୍ ?ଲୋସ୍ଥିତ ଶାନ୍ତି ଲାଗି ନୋବେଲ ପୁରସ୍କାର କମିଟି ପକ୍ଷରୁ କୁହାଯାଇଛି ଯେ ଏକ ନିପୀଡ଼ନକାରୀ ଏକଛତ୍ରବାଦୀ ସରକାର ବିରୋଧରେ ମାରିଆଙ୍କ ସାହସ, ଅକ୍ଲାନ୍ତ ସଂଗ୍ରାମ ଏବଂ ଶାନ୍ତି ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତିଷ୍ଠା ସକାଶେ ତାଙ୍କ ବିରଳ ଉଦ୍ୟମ ସକାଶେ ତାଙ୍କୁ ଚୟନ କରାଯାଇଛି । ଅବଶ୍ୟ, ଏହି ଆଲୋଚନା ପରିପ୍ରେକ୍ଷୀରେ କହିବାରେ ଦ୍ୱିଧା ନାହିଁ ଯେ ସର୍ବଶ୍ରେଷ୍ଠ ଭାବେ ଅଭିହିତ ଏହି ସମ୍ମାନର ଉଚ୍ଚ ଗରିମା ଏହାର କତିପୟ ବିଜେତାଙ୍କ ବିବାଦାସ୍ପଦ ପୃଷ୍ଠଭୂମି ଓ କିଛି ବିଜେତାଙ୍କ ସନ୍ଦିଗ୍ଧ କାର୍ଯ୍ୟକଳାପ ଦ୍ୱାରା ଅବକ୍ଷୟିଷ୍ଣୁ ହୋଇଛି । ଏଭଳି ସ୍ଥଳେ ଚଳିତ ବର୍ଷର ବିଜୟିନୀ ଏବଂ ପୁରସ୍କାର ଘୋଷଣା ପୂର୍ବରୁ ଦୃଷ୍ଟିଗୋଚର ହୋଇଥିବା ଟ୍ରମ୍ପୀୟ ତାମସା ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ଏଠାରେ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଉଠୁଥିବା ପ୍ରଥମ କଥା ହେଲା ଯଦି ଏହି ପୁରସ୍କାର ପ୍ରଦାନ ପଛରେ ପ୍ରଶ୍ନାତୀତ ନିଷ୍ପକ୍ଷତା, ବିବେଚନାବୋଧ ଓ ବିଚାର ରହିଥାଆନ୍ତା, ତେବେ ଏହାକୁ ପାଇବା ସକାଶେ ଟ୍ରମ୍ପ ଆପଣା ଶାନ୍ତିକାମୀ ଚରିତ୍ର ପ୍ରଦର୍ଶନ କରାଇବା ଲାଗି ହାସ୍ୟାସ୍ପଦ ବାହାସ୍ଫୋଟ (ଆଠଟି ଯୁଦ୍ଧ ବନ୍ଦ କରି ଦେଇଛନ୍ତି ବୋଲି) ମାରି ନ ଥାଆନ୍ତେ କି ବିଶାଳ 'ମେଡିଆ' ଆୟୋଜନ କରି ନ ଥାଆନ୍ତେ ବା ନରୱେ ଉପରେ ଉଚ୍ଚ ହାରରେ ଟାରିଫ ଲଗାଇବାର ଧମକ ଦେଇ ନ ଥାଆନ୍ତେ ଅଥବା ପ୍ରାୟ ଖୋଲାଖୋଲି ତାହାର ଭିକ୍ଷା କରି ନ ଥାଆନ୍ତେ ! ସେହି ଦୃଷ୍ଟିରୁ ନୋବେଲ କମିଟିର କାର୍ଯ୍ୟ ଏଥର ପ୍ରଶଂସନୀୟ ହୋଇଛି, କାରଣ ଅତ୍ୟନ୍ତ ପ୍ରାଂଜଳତାର ସହିତ କହି ଦିଆଯାଇଛି ଯେ ଏହି ପୁରସ୍କାର ଲାଭ କରିବା ସକାଶେ ଅସଂଖ୍ୟ ସୁପାରିସ ଆସୁଥିବା ସତ୍ୱେ ଯାହା ସର୍ବଦା ଅବିଭାଜ୍ୟ ମପେକାଠି ହୋଇ ରହିଛି, ତାହା ?ହେଲା ଶାନ୍ତି ପ୍ରତିଷ୍ଠା ସକାଶେ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ପ୍ରଦର୍ଶନ କରୁଥିବା ବିରଳ ଶ୍ରେଣୀୟ ସାହସ ଏବଂ ଆଦର୍ଶଗତ ଐକାନ୍ତିକତା । କିନ୍ତୁ ଏହାର ବିପରୀତରେ ଗାଦିନସୀନ ହେବା ପରେ ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ଆଚରଣ ପ୍ରଦର୍ଶନ କରି ଆସିଥିଲେ, ତହିଁରେ ଅନ୍ତର୍ଭୁକ୍ତ ନରୱେ ଉପରେ ମାତ୍ରାତିରିକ୍ତ ଟାରିଫ ଆକ୍ରମଣର ଧମକ, ମାନବ କଲ୍ୟାଣକାରୀ ଉଦ୍ୟମ ଓ ଅନୁଷ୍ଠାନ ଯେମିତି କି 'ପ୍ୟାରିସ ଜଳବାୟୁ ଚୁକ୍ତି' ଏବଂ 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ସହିତ ସଂପର୍କ ଛେଦନ, ସାମାନ୍ୟ ଶିଷ୍ଟାଚାର ବିବର୍ଜିତ ବ୍ୟକ୍ତିଙ୍କ ଭଳି ଆମେରିକା ଗସ୍ତ କରିଥିବା କେତେକ ରାଷ୍ଟ୍ରର ଶାସନମୁଖ୍ୟଙ୍କୁ ସର୍ବ ସମକ୍ଷରେ ଅପମାନ ପ୍ରଦାନ, ଗ୍ରିନଲାଣ୍ଡ ଓ କାନାଡାକୁ ଅଧିକାର କରି ଆମେରିକାର ଅଂଶୀଭୂତ କରିବାର ଆଗ୍ରହ ଏବଂ ବିଧ୍ୱସ୍ତ ଗାଜା ପଟିକୁ ଏକ ପର୍ଯ୍ୟଟକ ବିଳାସ ସ୍ଥଳୀ ଭାବେ ବିକଶିତ କରିବାର ଇଚ୍ଛା ଭଳି ଚିନ୍ତ ବିଭ୍ରଂଶକର ବିବୃନି ପ୍ରଦାନ, ଯାହା ସ୍ୱାଭାବିକ ଭାବେ ତାଙ୍କୁ କୌଣସି ଶାନ୍ତି ପୁରସ୍କାର ଲାଗି ଯୋଗ୍ୟ କରନ୍ତା ନାହିଁ, ନୋବେଲ ପୁରସ୍କାର କଥା ଦୂରେ ଥାଉ । କେବଳ ସେତିକି ନୁହେଁ, ୨୦୨୧ ମସିହାରେ ଟ୍ରମ୍ପଙ୍କ ଡାକରାରେ ଶହ ଶହ ଉପଦ୍ରବକାରୀ ଆମେରିକାର ସଂସଦ ଗୃହ 'ଦ କ୍ୟାପିଟଲ ହିଲ୍'ରେ ପ୍ରବେଶ କରି ଦଙ୍ଗା ସୃଷ୍ଟି କରିଥିଲେ, ଯାହା ଆମେରିକାର ଇତିହାସରେ ଏକ କଳଙ୍କମୟ ପୃଷ୍ଠା ଯୋଡ଼ିଛି ଏବଂ ଗଲା ସେପଟେମ୍ବର ମାସରେ ଶାନ୍ତିର ଏହି କପୋତ ଆମେରିକାର ପ୍ରତିରକ୍ଷା ବିଭାଗର ନାମ ପରିବର୍ତ୍ତନ କରି ନୂଆ ନାମ ରଖିଛନ୍ତି 'ଦ ଡିପାର୍ଟମେଂଟ ଅଫ ୱାର' । ଏହା ସହିତ ଆଉ ଯାହା ମନେ ରହିବା ଉଚିତ, ତାହା ହେଲା ଗଲା ଫେବ୍ରୁଆରି ମାସରେ ରାଷ୍ଟ୍ରପତି ଭାବେ ସେ କାର୍ଯ୍ୟ ଆରମ୍ଭ କଲା ବେଳକୁ ଏହି ପୁରସ୍କାର ଲାଗି ପ୍ରାର୍ଥୀଙ୍କ ନାମ ତାଲିକା ଚୂଡ଼ାନ୍ତ ହୋଇ ସାରିଥିଲା । ତେଣୁ ଏବେ ଦ୍ୱିତୀୟ ପ୍ରଶ୍ନଟି ଉଠିଥାଏ ଯେ ତଥାପି କାହିଁକି ନୋବେଲ ପୁରସ୍କାର ପାଇବା ସକାଶେ ତାଙ୍କ ଆଶା ଶେଷ ପର୍ଯ୍ୟନ୍ତ ନିଷ୍ପ୍ରଭ ହୋଇ ନ ଥିଲା ? ଏହାର କାରଣ ରାଷ୍ଟ୍ରପତି ହେବାର ମାତ୍ର ୧୧ ଦିନ ମଧ୍ୟରେ ନାମ ତାଲିକା ଚୂଡ଼ାନ୍ତ ହୋଇସାରିଥିଲେ ହେଁ ବାରାକ ଓବାମାଙ୍କୁ ଏହି ପୁରସ୍କାର ମିଳିଛି ; ରାଷ୍ଟ୍ରପତି ରୁଜଭେଲଟ ବା ଡିପ୍ଲୋମାଟ ଓ ମନ୍ତ୍ରୀ ହେନେରି କିସିଂଜରଙ୍କ ଭଳି ଏକାଧିକ ଯୁଦ୍ଧଖୋର ବ୍ୟକ୍ତି ଏହି ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି ; ୟାସେର ଆରାଫତଙ୍କ ଭଳି ସଶସ୍ତ୍ର ଉଗ୍ରବାଦୀ ମଧ୍ୟ ଏହି ପୁରସ୍କାରର ଅଧିକାରୀ ଏବଂ ଏଭଳି ଦୃଷ୍ଟାନ୍ତ ଅନେକ । ତେଣୁ ହୁଏତ ଏହା ସମ୍ଭବ ଯେ ଉଦ୍ୟମ ଜାରି ରଖିଲେ ଟ୍ରମ୍ପ ହୁଏତ ୨୦୨୬ ମସିହାରେ ଏହି ପୁରସ୍କାର ପାଇ ଯାଇପାରନ୍ତି ! ଭେନେଜୁଏଲାର ବିରୋଧୀ ଦଳର ନେତ୍ରୀ ମାରିଆ କୋରିନା ମାଚାଡୋ ଯେ ସାହସ ଓ ଗଣତନ୍ତ୍ର ସକାଶେ ଅଙ୍ଗୀକାରବଦ୍ଧତାର ଏକ ଉଜ୍ଜ୍ୱଳ ପ୍ରତୀକ, ଏଥିରେ ସନ୍ଦେହ ନାହିଁ । ଭେନେଜୁଏଲାର ଏକଛତ୍ରବାଦୀ ଶାସକ ନିକୋଲାସ ମାଡୁରୋଙ୍କ ନିପୀଡ଼ନର ଶରବ୍ୟ ହେବା ସତ୍ତ୍ୱେ ତାଙ୍କ ସଂଘର୍ଷ ଅତୁଟ ରହିଛି । ନିର୍ବାଚନରେ ୯୨% ଜନ ସମର୍ଥନ ପାଇଥିବା ସତ୍ତ୍ୱେ ତାଙ୍କୁ ସେଠାକାର ସଂସଦ ପ୍ରବେଶାଧିକାର ମିଳିନାହିଁ ଏବଂ ତାଙ୍କ ଦଳକୁ ନିଷେଧ କରାଯାଇଛି । ତେଣୁ ଅନେକ ଦୃଷ୍ଟିରୁ ଏହି ପୁରସ୍କାର ଲାଗି ହୁଏତ ସେ ଯୋଗ୍ୟ । କିନ୍ତୁ, ଏଣେ ତାଙ୍କ ପୁରସ୍କାର ମଧ୍ୟ ଏକ ବିବାଦକୁ ଜନ୍ମ ଦେଲାଣି, ଯାହାର କାରଣ ହେଲା ଏହି ପୁରସ୍କାରକୁ ?ସ ଭେନେଜୁଏଲାର ଜନସାଧାରଣଙ୍କ ସହିତ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମଧ୍ୟ ଉତ୍ସର୍ଗ କରିଛନ୍ତି । ପ୍ରକାଶ ଥାଉ କି ଭେନେଜୁଏଲାର ଭୂମି ତଳେ ମହଜୁଦ ଅଛି ପୃଥିବୀର ବୃହତ୍ତମ ଖଣିଜ ତୈଳ ଭଣ୍ଡାର, ଯାହା ଉପରେ ଆମେରିକାର ଲୋଲୁପ ଦୃଷ୍ଟି ରହି ଆସିଛି । ଯେଉଁ କାରଣରୁ ଆମେରିକା ଭେନେଜୁଏଲାର ଏକଛତ୍ରବାଦୀ ନିକୋଲାସ ମାଡୁରୋଙ୍କୁ ବହିଷ୍କାର କରି ସେଠାରେ ଏକ ସଖୀ କଣ୍ଢେଇ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ଚାହିଁଥାଏ । ତେଣୁ ମାରିଆଙ୍କ ଗିରଫଦାରିର ଦୃଢ଼ ନିନ୍ଦା କରି ଟ୍ରମ୍ପ କରିଥିବା ଟୁଇଟ ଅତ୍ୟନ୍ତ ସ୍ୱାଭାବିକ ହୋଇଥିଲେ ହେଁ ତାହା ମାରିଆଙ୍କୁ ଟ୍ରମ୍ପଙ୍କ ପ୍ରତି କୃତଜ୍ଞତାରେ ଦ୍ରବୀଭୂତ କରିଛି । ଏହି ପରିପ୍ରେକ୍ଷୀରେ କେତେକ ପର୍ଯ୍ୟବେକ୍ଷକ କହନ୍ତି ଯେ କେ ?ଣସି ପ୍ରକାରେ ମାଡୁରୋଙ୍କ ଠାରୁ ନିଷ୍କୃତି ପାଇବା ଲାଗି ଯଦି ଆମେରିକା ସାମରିକ ହସ୍ତକ୍ଷେପ କରେ, ତେବେ ମାରିଆ ତାହାକୁ ସମର୍ଥନ ପ୍ରଦାନ କରିବା ପ୍ରାୟ ନିଶ୍ଚିତ, ଯାହା ଜଣେ ଶାନ୍ତିର ପ୍ରବକ୍ତାଙ୍କ ଠାରୁ ହୁଏତ ଆଶା କରାଯାଇ ନ ପାରେ । ଏହି ପର୍ଯ୍ୟବେକ୍ଷକମାନଙ୍କ ମତରେ ମାରିଆଙ୍କ ନେତୃତ୍ୱରେ ପରିଚାଳିତ ଆନ୍ଦୋଳନ ଭଳି ଏକାଧିକ କ୍ଷୁଦ୍ର ଓ ନାତିକ୍ଷୁଦ୍ର ବିରୋଧମାନ କେତେକ ଏକଛତ୍ରବାଦୀ ରାଷ୍ଟ୍ରରେ ଦେଖିବାକୁ ମିଳୁଛି, ଯହିଁରେ ଲକ୍ଷ୍ୟ ଯଦିଓ ଗଣତନ୍ତ୍ରର ପ୍ରତିଷ୍ଠା, ତାହାର ଲାଭାର୍ଥୀ ହେବେ ଏହି ଆନ୍ଦୋଳନର ନେତା ଓ ନେତ୍ରୀଗଣ, ଯେଉଁମାନେ ଅବଲୀଳା କ୍ରମେ ନୂତନ ଭାବେ ଲବ୍ଧ କ୍ଷମତା ଦ୍ୱାରା ସ୍ଖଳିତ ହୋଇପାରନ୍ତି, ଯେମିତି ଘଟିଛି ମ୍ୟାମାରର ନୋବେଲ ପୁରସ୍କାର ବିଜୟିନୀ ଆଙ୍ଗ ସନ ସୁକୀଙ୍କ କ୍ଷେତ୍ରରେ । ସେମାନଙ୍କ ପ୍ରଶ୍ନ, ମାରିଆ ସେଭଳି ଅପବାଦିତ ହେବେ ନାହିଁ ତ ? ଇଥିଓପିଆ ଓ ଏରିଟ୍ରିଆ ମଧ୍ୟରେ ଚାଲି ଆସିଥିବା ସୀମା ବିବାଦ ଓ ଯୁଦ୍ଧର ଅବସାନ ଘଟାଇ ୨୦୧୯ ମସିହାରେ ଏହି ପୁରସ୍କାର ଜିଣିଥିଲେ ଇଥିଓପିଆର ପ୍ରଧାନମନ୍ତ୍ରୀ ଆବି ଅହମଦ ଅଲି, ଯିଏ ସଂପ୍ରତି ବନ୍ଧୁକ ହସ୍ତେ ପୁଣି ଯୁଦ୍ଧରେ ବ୍ୟାପୃତ । ୨୦୦୬ ମସିହାରେ ଶାନ୍ତି ଲାଗି ନୋବେଲ ପୁରସ୍କାର ଲାଭ କରିଥିବା ବାଂଲାଦେଶୀ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ ଘଟଣାଚକ୍ରରେ ସଂପ୍ରତି ବାଂଲାଦେଶର ଅନ୍ତରୀଣ ଶାସନ ମୁଖ୍ୟ ଏବଂ ସଶସ୍ତ୍ର ଜେହାଦୀ ଗୋଷ୍ଠୀର ସମର୍ଥକ । କହିବାର ତାତ୍ପର୍ଯ୍ୟ ହେଲା ଶାନ୍ତି ପାଇଁ ଦିଆଯାଉଥିବା ନୋବେଲ ପୁରସ୍କାର ତାହାର ଅଧିକାରୀଙ୍କ ଆଦର୍ଶ ସ୍ଥାନୀୟ ଆଚରଣର ଗ୍ୟାରେଟିଂ ହୋଇ ନ ଥାଏ । ଚଳିତ ବର୍ଷ ଏହି ପୁରସ୍କାର ଲାଗି ବ୍ୟକ୍ତି ଓ ଅନୁଷ୍ଠାନ ରୂପରେ ୩୮ଟି ସମ୍ଭାବନା ଥିଲା । ଏମାନଙ୍କ ମଧ୍ୟରେ 'ରିପୋର୍ଟର୍ସ ୱିଦାଉଟ୍ ? ବର୍ଡର' ଭଳି ଅନୁଷ୍ଠାନ ଥିଲା କି ? ପ୍ରକାଶ ଥାଉ କି ଗାଜାର ସତ୍ୟକୁ ଉଜାଗର କରିବା ଲାଗି ସ୍ୱଇଚ୍ଛାରେ ସେଠାକୁ ଯାଇ ଇସ୍ରାଏଲୀ ଆକ୍ରମଣରେ ପ୍ରାଣ ହରାଇଥିବା 'ରିପୋର୍ଟର୍ସ ୱିଦାଉଟ୍ ବର୍ଡର'ର ସଦସ୍ୟ ସାମ୍ବାଦିକଙ୍କ ସଂଖ୍ୟା ହେଉଛି ୨୨୦ । ପୃଥିବୀର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ବିଭୀଷିକାକୁ ଲୋକଲୋଚନକୁ ଆଣିବା ଲାଗି ଘୂରି ବୁଲୁଥିବା ଏହି ସତ୍ୟାନ୍ୱେଷୀମାନଙ୍କ ଉପରେ ଏଥରର ନୋବେଲ ଆଲୋକ ହୁଏତ ପଡ଼ିପାରି ଥାଆନ୍ତା !

## ଲକ୍ଷ୍ମୀଙ୍କର ଆଠ ସ୍ୱରୂପ

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି - ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି - ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ । ଆଦି ଲକ୍ଷ୍ମୀ : ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ । ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି । ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର । ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ । ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି । ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ । ତାଙ୍କୁ ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ । ତାଙ୍କର ଅନ୍ୟନାମ ଇନ୍ଦିରା । ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ । ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ । ସୁମାନସା ବନ୍ଦିତା, ସୁନ୍ଦରୀ, ମେଧାବୀ ଚନ୍ଦ୍ରସହୋଦରୀ, ହେମମୟେ, ମୁନିଗଣବନ୍ଦିତା, ମୋକ୍ଷ ପ୍ରଦାୟିନୀ ମଞ୍ଜୁଳା ଭାଷିନୀ, ବେଦମାତେ ପଙ୍କଜବାସିନୀ, ଦେବସୁପୁଜିତା, ସାଧୁଗୁଣବର୍ଷିଣି, ଶାନ୍ତିଯୁତେ ଜୟ ଜୟ ହେ, ମଧୁସୂଦନ କାମିନୀ ଆଦିଲକ୍ଷ୍ମୀ, ଜୟ, ପାଳୟମାମ୍ । ଧନଲକ୍ଷ୍ମୀ : ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ । ଆଧାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ । ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା । ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି । ସେ ଲାଲ ଶାଢ଼ି ପରିଧାନ କରନ୍ତି । ପା□ଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି । ଅଭୟ ମୁଦ୍ରାରେ ଥିବା ଷଷ୍ଠ ହସ୍ତରୁ ସ୍ୱର୍ଣ୍ଣମୁଦ୍ରା ଝୁଲୁଥାଏ । ଧନଲକ୍ଷ୍ମୀଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରଧଡ଼ା କରାଯାଏ । ଦିମିଧିମ ଧିମ୍‌ଧିମି, ଧୁମ୍‌ଧିମି, ଧିମ୍‌ଧିମି, ଧୁମ୍‌ଧୁଭିନାଦ ସୁପୂର୍ଣ୍ଣମାୟେ, ଘୁମଘୁମା ଗୁମ୍‌ଘୁମା, ଗୁନ୍‌ଘୁମା, ଗୁନ୍‌ଘୁମା ଶୃଙ୍ଖନିନାଦା ଶୁଭଦାମାତେ, ବିବିଧା ପୁରାନା ଇତିହାସ ସୁପୁଜିତା ବୈଦିକ ମାର୍ଗ ପ୍ରଦର୍ଶାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀ ଧନଲକ୍ଷ୍ମୀ, ପାଳୟମମ୍ । ଧାନ୍ୟ ଲକ୍ଷ୍ମୀ : ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ । ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ । ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି । ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି । ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୂଜା ବିଶିଷ୍ଟ । ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି । ଅନ୍ୟ ହାତମାନଙ୍କରେ ଜାଇଫଳ, ଧାନକେଣ୍ଡା, ଆଖୁ ଓ କଦଳୀ ଧାରଣ କରିଥାନ୍ତି । ଶେଷ ଦୁଇହାତ ଅଭୟ ମୁଦ୍ରା ଓ ବରଦ ମୁଦ୍ରାରେ ଥାଏ । ଧାନ୍ୟ ଲକ୍ଷ୍ମୀଙ୍କୁ - ଐକାଳି କଲ୍ମଷନାସିନୀ, କାମିନୀ ବୈଦିକରୂପିଣୀ ବେଦମୟେ, କ୍ଷୀରସମୁଦ୍‌ଭବା, ମନ୍ତ୍ରମାତେ, ମଙ୍ଗଳଦାୟିନୀ, ଅମ୍ବୁଜବାସିନୀ, ଦେବଗଣଶ୍ରିତାପ୍ରଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଧାନ୍ୟ ଲକ୍ଷ୍ମୀ ଜୟ ପାଳୟମାମ୍ । ସ୍ତୋତ୍ର ଦ୍ୱାରା ଆରାଧନା କରାଯାଏ । ଗଜଲକ୍ଷ୍ମୀ : ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ । ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ । ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର । ଚାରିହସ୍ତ ବିଶିଷ୍ଟା ଦେବୀ ପଦ୍ମଫୁଲ ଉପରେ ଆସୀନଥାନ୍ତି ଓ ଦୁଇ ପାଖରେ ଦୁଇଟି ଧଳାହାତୀ ଠିଆ ହୋଇ ତାଙ୍କ ଉପରେ କଳସରୁ ଜଳ ଢ଼ାଳୁଥାନ୍ତି । ସେ ଲାଲବସ୍ତ୍ର ପରିଧାନ କରି ଦୁଇ ହାତରେ ପଦ୍ମ ଧାରଣ କରିଥାନ୍ତି । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ଜୟ ଜୟ ଦୁର୍ଗତି ନାଶିନୀ, କାମିନୀ, ସର୍ବଫଳପ୍ରଦା ଶାସ୍ତ୍ରମୟେ, ରଥଗଜତୁରଣ ପଦାତି ସମବୃତା ପରିଜନ ମଣ୍ଡିତା ଲୋକମାତେ, ହରିହରବ୍ରହ୍ମା ସୁପୁଜିତା ସେବିତା ତାପନିବାରିଣୀ, ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀଗଜଲକ୍ଷ୍ମୀ ପାଳୟମାମ୍ । ଏହି ସ୍ତୋତ୍ରରେ ଗଜଲକ୍ଷ୍ମୀଙ୍କୁ ଆରାଧନା କରାଯାଏ । ସନ୍ତାନ ଲକ୍ଷ୍ମୀ : ମା' ଲକ୍ଷ୍ମୀଙ୍କର ଏହି ପ□ମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ । ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି । ଏହି ଲକ୍ଷ୍ମୀ ଷଡ଼ଭୂଜା । ଦୁଇ ହାତରେ କଳସ ଧାରଣ କରିଥାନ୍ତି । ଗୋଟିଏ ହାତରେ ଖଡ଼୍‌ଗ ଓ ଅନ୍ୟଟିରେ ଢ଼ାଲଥାଏ । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି । ତାଙ୍କ କୋଳରେ ଶିଶୁଟିଏ ଥାଏ । ଶିଶୁଟି ମଧ୍ୟ ପଦ୍ମଫୁଲ ଧରିଥାଏ । ଏ ଗଜବାହିନୀ, ମୋହିନୀ, ଚକ୍ରିଣୀ, ରାଗବିବର୍ଦ୍ଧିନୀ, ଜନମୟେ ଗୁଣଗବାରିଧି, ଲୋକୈଥେ ଶିନି ସପ୍ତସ୍ୱରମୟା ଗଣମାତେ, ସକଳ ସୁରାସୁର ଦେବ ମୁନିସ୍ୱର, ମାନବବନ୍ଦିତା ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ, ସନ୍ତାନଲକ୍ଷ୍ମୀ, ପାଳୟମାମ୍ । ଉପରୋକ୍ତ ସ୍ତୋତ୍ରରେ ସନ୍ତାନଲକ୍ଷ୍ମୀଙ୍କୁ ଆରଧନା କରାଯାଏ । ବୀରଲକ୍ଷ୍ମୀ : ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ । ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଜୀବନରେ ସ୍ଥିରତା ପାଇଁ ମଧ୍ୟ ତାଙ୍କୁ ଆରଧନା କରାଯାଏ । ବୀରଲକ୍ଷ୍ମୀ ଅଷ୍ଟଭୂଜା ବିଶିଷ୍ଟ । ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ତାଙ୍କ ହାତରେ ଚକ୍ର ଶଙ୍ଖ, ଧନୁତୀର, ତ୍ରୀଶୂଳ ବା ଖଡ଼ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ ।

## କ୍ରିକେଟ୍‌କୁ ଖେଳ ହୋଇ ରହିବାକୁ ଦିଅ



ଅଧିକାଂଶ ଦେଶବାସୀଙ୍କ ପରି, ମୁଁ ମଧ୍ୟ ଜଣେ କ୍ରିକେଟ୍ ପ୍ରଶଂସକ । ନାନା ବ୍ୟସ୍ତତା ଭିତରେ ମୋତେ ସମୟ ମିଳିଲେ ମୁଁ ଦୁଇ-ଚାରି ଓଭର ହେଲେ ବି ଏହି ଖେଳ ଦେଖିବାକୁ ପସନ୍ଦ କରେ । ଅନ୍ୟଥା ମୁଁ ମୋ ଫୋନ୍‌ରେ ସ୍କୋର ଯାଚଂ କରିନିଏ । କିନ୍ତୁ ଏଥରର ଏସିଆ କପ୍ ?ରେ ମୁଁ ଭାରତ-ପାକିସ୍ତାନ ମ୍ୟାଚ୍ ଦେଖି ନଥିଲି । ସେଥିପାଇଁ ମନ ବି ବଳାଇ ନଥିଲି । ତେବେ ସେ ବିଷୟରେ ମୋତେ ଯାହା ପଢ଼ିବାକୁ ଓ ଶୁଣିବାକୁ ମିଳିଲା ତାହା ସମସ୍ତ ଅବଶିଷ୍ଟ ଇଚ୍ଛାକୁ ଦୂର କରିଦେଲା । ହି ସମ୍ପୂର୍ଣ୍ଣ ଘଟଣାକ୍ରମ ବିଷୟରେ ଶୁଣି ମୋ' ପିଲାଦିନର କଥା ମନେ ପଡ଼ିଗଲା । ଆମ ସହରକୁ ପ୍ରଖ୍ୟାତ କୁସ୍ତି ଯୋଦ୍ଧା ତଥା ହାସ୍ୟାଭିନେତା କିଙ୍ଗ୍ କଙ୍ଗ ଆସିଥିଲେ । ସେ ଫ୍ରିଷ୍ଟାଇଲରେ କୁସ୍ତି କରୁଥିଲେ । ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କିଏ ଥିଲେ, ମୋର ମନେ ନାହିଁ । ତେବେ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ତାଙ୍କ କୁସ୍ତି ପ୍ରତିଯୋଗିତା ବାବଦରେ ସପ୍ତାହ ଧରି ରିକ୍ସାରେ ଘୋଷଣା କରାଯାଉଥିଲା ଏବଂ ସହର ସାରା ବଡ଼ ବଡ଼ ପୋଷ୍ଟର ଲଗାଯାଉଥିଲା । ପ୍ରତିଦିନ ଖବରକାଗଜରେ କେତେବେଳେ କିଙ୍ଗ୍ କଙ୍ଗ ତ କେତେବେଳେ ତାଙ୍କ ପ୍ରତିପକ୍ଷଙ୍କ ହିଂସ୍ର ଆଚରଣ ଓ ବୟାନ ପ୍ରକାଶିତ ହେଉଥିଲା- 'ମୁଁ ତାଙ୍କୁ ଷ୍ଟାଡିୟମରୁ ବାହାର କରିଦେବି' କିମ୍ବା 'ମୁଁ ତାଙ୍କୁ ଜୀବନ୍ତ ଚୋବାଇଦେବି' ଇତ୍ୟାଦି ଇତ୍ୟାଦି । ସେହି ସମୟରେ କୌଣସି ସାମାଜିକ ଗଣମାଧ୍ୟମ ନଥିଲା । ମୁଁ ଦିନରାତି ଉତ୍ତେଜକ ବୟାନ ଶୁଣିବାରେ ଅଭ୍ୟସ୍ତ ନଥିଲି । ତେଣୁ ସେହି ବୟାନଗୁଡ଼ିକ ଆମକୁ ଆଶ୍ଚର୍ଯ୍ୟ କରିଥିଲା ଏବଂ କୌତୂହଳ ସୃଷ୍ଟି କରିଥିଲା । ଏହି ରଣନୀତିର ଆକାଂକ୍ଷିତ ପ୍ରଭାବ ମଧ୍ୟ ପଡ଼ିଥିଲା । ସମଗ୍ର ସହର କିଙ୍ଗ୍ କଙ୍ଗ୍ ?ଙ୍କର କୁସ୍ତି ଦେଖିବାକୁ ଠୁଳ ହୋଇଥିଲା, ଯଦିଓ କୁସ୍ତି ପ୍ରତି ମୋର ଘୃଣାଭାବ ଯୋଗୁଁ ମୁଁ ସେ ସୁବିଧାରୁ ବଞ୍ଚଶସତ ହୋଇଥିଲି । ପରିଶେଷରେ ଯାହା ହେବାର ଥିଲା, ତାହା ଘଟିଲା- କିଙ୍ଗ୍ କଙ୍ଗ୍ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କଲେ । ଖେଳ ସରିଲା, ଟଙ୍କା ବି ହଜମ ହୋଇଗଲା । ପରେ ସହରରେ ଉକ୍ତ କୁସ୍ତି ମ୍ୟାଚ୍ ?ର ଫିକ୍ସିଂ ବିଷୟରେ ଚର୍ଚ୍ଚା ଜୋର ଧରିଥିଲା । ଅବଶ୍ୟ, ଏହା କହିବାର ଅର୍ଥ ନୁହେଁ ଯେ ଏସିଆ କପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ଫିକ୍ସ ଥିଲା । ଏହାର କୌଣସି ଆବଶ୍ୟକତା ବି ନଥିଲା । କହିବା ବାହୁଲ୍ୟ, ଆଇପିଏଲ୍ ଆରମ୍ଭ ହେଲା ଦିନଠାରୁ ଦେଶର ଛୋଟ ଛୋଟ ସହରରୁ ପ୍ରତିଭାଙ୍କ ପାଇଁ ଭାରତୀୟ କ୍ରିକେଟ୍‌ର ଦ୍ୱାର ଉନ୍ମୁକ୍ତ ହୋଇଯାଇଥିଲା, ସୁତରାଂ ସେବେଠାରୁ ଭାରତୀୟ କ୍ରିକେଟ୍ ଦଳ ଏକ ଭିନ୍ନ ସ୍ତରରେ ପହଂଚିଛି । ଯଦି ଏସିଆ କପ୍‌ରେ ଭାରତର ଦୁଇଟି ଦଳ ଭାଗ ନେଇଥା'ନ୍ତେ, ତେବେ ସମ୍ଭବତଃ ଉଭୟ ଫାଇନାଲରେ ପହଂଚିଥା'ନ୍ତେ । ସେଥିପାଇଁ ଗୋଟେ କି ଦୁଇଟା ନିଷ୍ପ୍ରଭ ମ୍ୟାଚ୍‌ର ଅପବାଦକୁ ଛାଡ଼ିଦେଲେ ଭାରତ-ପାକିସ୍ତାନ ମୁକାବିଲା ସମ୍ପୂର୍ଣ୍ଣ ଏକତରଫା ରହିଥାଏ । ଏହି ମ୍ୟାଚ୍‌ଗୁଡ଼ିକରେ ଆଉ ଜାହିର ଆବାସ, ଇମ୍ରାନ ଖାନ, ଜାଭେଦ ମିଆଁଦାଦ, ୱାସିମ ଆକ୍ରମ କିମ୍ବା ସାହିଦ ଆଫ୍ରିଦି ଥିବା ଭଳି ପାକିସ୍ତାନୀ ଦଳ ବିପକ୍ଷରେ ହେଉଥିବା ମ୍ୟାଚ୍ ପରି ଉତ୍ସାହ ନାହିଁ । ସମ୍ପ୍ରତି ଭାରତ ହେଉଛି ଅନ୍ତର୍ଜାତୀୟ କ୍ରିକେଟ୍ ?ର ରାଜଧାନୀ । ଏ ପରିପ୍ରେକ୍ଷୀରେ ପାକିସ୍ତାନକୁ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିବେଚନା କରିବା ହିଁ ଭାରତୀୟ କ୍ରିକେଟ୍ ଦଳକୁ ଅପମାନିତ କଲା ଭଳି ହେବ । ତେବେ ମୁଁ ଏସିଆ କପ୍ ମ୍ୟାଚ୍ ନ ଦେଖିବାର ଏହା ପ୍ରକୃତ କାରଣ ନଥିଲା । ପ୍ରକୃତରେ, ଆରମ୍ଭରୁ ଏହା ସ୍ପଷ୍ଟ ଥିଲା ଯେ ଏହା କ୍ରିକେଟ୍ ଖେଳ ନୁହେଁ, ବରଂ ବଜାର ଓ ସରକାରଙ୍କ ଖେଳ ହେବାକୁ ଯାଉଛି । କ୍ରିକେଟ୍ ଆବରଣ ତଳେ ଅନ୍ୟ କିଛି ଖେଳାଯାଉଥିଲା- ଅସୀମିତ ବଜାର ଲାଭର ଏକ ଖେଳ, ସରକାରୀ ବୈଦେଶିକ ନୀତିର ଖେଳ ଏବଂ ଦେଶର ଲୋକଙ୍କୁ ଛଦ୍ମ-ଜାତୀୟତାରେ ବୁଡ଼ାଇ ରଖିବାର ଏକ ରାଜନୈତିକ ଖେଳ । ପ୍ରଥମ ଦିନରୁ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ଚାଲିଥିବା ବିତର୍କ ଅର୍ଥହୀନ ଥିଲା । ସ୍ପଷ୍ଟ ଭାବରେ, ମ୍ୟାଚ୍‌ରେ ସାମିଲ ହୋଇଥିବା ସମର୍ଥନରେ କ୍ରିକେଟ୍ ବୋର୍ଡର ଯୁକ୍ତି ଦୁର୍ବଳ ଥିଲା । ଏହାକୁ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଂଟର ବାଧ୍ୟବାଧକତା ବୋଲି କହିବା ଏକ ଭ୍ରମ ଥିଲା । ଏସିଆ କପ୍ ଏକ ବିଶ୍ୱକପ୍ ନୁହେଁ ଯେ ଏହାକୁ ଭାରତୀୟ ଦଳ ଏଡ଼ାଇ ପାରିବ ନାହିଁ । ରାଜନୈତିକ କାରଣରୁ ଅତୀତରେ ଅନେକ ଦେଶ ଅଲିମ୍ପିକ୍ସକୁ ମଧ୍ୟ ବହିଷ୍କାର କରିଛନ୍ତି । ଏହାକୁ କ୍ରିକେଟ୍ ବୋର୍ଡର ଏକ ସ୍ୱୟଂଶାସିତ ନିଷ୍ପତ୍ତି ବୋଲି କହିବା ଆହୁରି ହାସ୍ୟାସ୍ପଦ ଥିଲା । ଭାରତର କାହାର ପୁଅ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦର ସଭାପତି କିମ୍ବା କେଉଁ ମନ୍ତ୍ରୀଙ୍କ ବଙ୍ଗଳାରେ ଭାରତୀୟ କ୍ରିକେଟ୍ ପରିଷଦର ଅଧିକାରୀମାନେ ନିର୍ବାଚିତ ହୁଅନ୍ତି, ସେ କଥା କାହାକୁ ବା ଅଛପା ରହିଛି ? ଏସବୁ ଯେ ଏକ ବେପାରର ଖେଳ ଥିଲା, ଏହି ସତ୍ୟକୁ ଲୁଚାଇବା ଅସମ୍ଭବ । ଭାରତ-ପାକିସ୍ତାନ କ୍ରିକେଟ୍ ମ୍ୟାଚ୍ ଏକ ତାଜା ଗରମ ସାମଗ୍ରୀ ଥିଲା, ବିଶେଷକରି ଏକ ଯୁଦ୍ଧ ପରେ ଏବଂ ପାର୍ବଣ ଋତୁ ପୂର୍ବରୁ ଟିଭି ଓ ଫୋନ୍ ପରଦାରେ । ଆଉ ବିଶେଷକରି ଦୁବାଇରେ, ଯେଉଁଠାରେ ଉଭୟ ଦେଶର ଧନୀ ନାଗରିକମାନେ ନିଜ ନିଜ ଦେଶଠାରୁ ଦୂରରେ ନିଜ ଜୀବନକୁ ବିପଦରେ ନ ପକାଇ ଦେଶପ୍ରେମର ଖେଳ ଖେଳିପାରିବେ । ୱାଘା ସୀମାରେ ପ୍ରତି ସନ୍ଧ୍ୟାରେ ସମାନ ଖେଳ ଖେଳାଯାଉଥିଲା । ଗୋଟିଏ ପଟେ ଭାରତୀୟ ସୁରକ୍ଷା ବାହିନୀ ଏବଂ ଅପର ପାର୍ଶ୍ୱରେ ପାକିସ୍ତାନୀ ସୁରକ୍ଷା ବାହିନୀ । ଶତ୍ରୁତା ଉନ୍ମାଦର ତାହା ଏକ ପ୍ରାୟୋଜିତ ରୀତିନୀତି ଥିଲା । ଲାଉଡସ୍ପିକରରେ ଦେଶପ୍ରେମର ଗୀତ ବାଜୁଥିଲା ଏବଂ ହଜାର ହଜାର ଲୋକ ତାହାର ମଜା ନେଉଥିଲେ । ଲେଶ ମାତ୍ର କେଶ ବି ବଙ୍କା ହେବାର ଆଶଙ୍କା ବିନା ଯୁଦ୍ଧର ସମସ୍ତ ମଜା ନେଉଥିଲେ । ତାହା ବୋଧହୁଏ, ଅଗଣିତ ସହିଦଙ୍କ ବଳିଦାନ ଉପରେ ନିର୍ମିତ ଜାତୀୟତାର ସବୁଠାରୁ ଶସ୍ତା ଓ ସୁଲଭ ସଂସ୍କରଣ । ଅନ୍ୟପକ୍ଷରେ, ଏହି ମ୍ୟାଚ୍‌କୁ ବିରୋଧ କରୁଥିବା ଲୋକଙ୍କ ଯୁକ୍ତି ମଧ୍ୟ ଗ୍ରହଣୀୟ ନଥିଲା । ଅବଶ୍ୟ, ମୋଦୀ ସରକାରଙ୍କ ଛଦ୍ମବେଶକୁ ପ୍ରକାଶ କରିବା ସେମାନଙ୍କର ଅଧିକାର ଥିଲା । ଗୋଟିଏ ପଟେ ଅପରେସନ୍ ସିନ୍ଦୂର ଚାଲୁ ରହିଛି । ପାକିସ୍ତାନ ସହ ସମସ୍ତ ସମ୍ପର୍କ ଛିନ୍ନ କରାଯାଉଛି ବୋଲି ସରକାର ଦାବି କରୁଛନ୍ତି ଏବଂ ସରକାରୀ ଭିସାରେ ଭାରତରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ଦେଶାନ୍ତର କରାଯାଉଛି । ଏଭଳି ସମୟରେ କ୍ରିକେଟ୍ ବୋର୍ଡ ଓ ଟିଭି ଚ୍ୟାନେଲଗୁଡ଼ିକ ଲାଭ ପାଇଁ ମ୍ୟାଚ୍ ଆୟୋଜନ କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ । ମାତ୍ର ଯେତେବେଳେ ସେମାନେ ଦାବି କରନ୍ତି ଯେ ଶତ୍ରୁ ସହିତ ଖେଳି ଆମେ ଦେଶକୁ ଅସମ୍ମାନିତ କରୁଛୁ, ସେମାନେ ମଧ୍ୟ ସମାନ ଅସୁସ୍ଥ ମାନସିକତାର ଶିକାର ହୁଅନ୍ତି । କଳା, କ୍ରୀଡ଼ା ଓ ସଂସ୍କୃତିର ଉଦ୍ଦେଶ୍ୟ ରାଜନୈତିକ ସେତୁ ଭାଙ୍ଗିବା ନୁହେଁ, ବରଂ ଭଙ୍ଗା ସେତୁଗୁଡ଼ିକୁ ସଜାଡ଼ିବା । ତେଣୁ ଯେତେବେଳେ ଦିଲୀପ କୁମାର ପ୍ରସିଦ୍ଧ ପାକିସ୍ତାନୀ ଗାୟିକା ନୁରଜହାଁଙ୍କୁ ସମ୍ମାନ ଦିଅନ୍ତି, କିମ୍ବା ଯେତେବେଳେ ନୀରଜ ଚୋପ୍ରା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅର୍ଶଦ ନଦିମଙ୍କୁ ଆଲିଙ୍ଗନ କରନ୍ତି, ସେତେବେଳେ ସେମାନେ ସେମାନଙ୍କର କାମ କରୁଛନ୍ତି । ଯେତେବେଳେ ଖେଳାଳିମାନେ ହାତ ମିଳାଇବେ ନାହିଁ, ସେମାନେ ନା ନିଜର ନା ନିଜ ଦେଶର ସମ୍ମାନ ବୃଦ୍ଧି କରିବେ ! କ୍ରିକେଟ୍ ପଡ଼ିଆରେ ବନ୍ଧୁକ ଫୁଟାଇବା ଏବଂ ବିମାନ ଖସାଇ ଦେବାର ସଂକେତ ଦ୍ୱାରା ଖେଳର ଆତ୍ମାକୁ କେବଳ କ୍ଷତି ପହଂଚି ନଥାଏ, ବରଂ କ୍ରିକେଟ୍‌କୁ ତଳିତଳାନ୍ତ କରିଥାଏ । କିନ୍ତୁ ଏଥିପାଇଁ ଖେଳାଳିମାନଙ୍କୁ ଦୋଷ ଦେବା ଅର୍ଥହୀନ ହେବ । ସେମାନେ କ୍ରିକେଟ୍ ? ଖେଳାଳି, ଅଭିନେତା ନୁହନ୍ତି । ସେମାନଙ୍କୁ ଯାହା କୁହାଯାଏ ସେମାନେ କେବଳ ତାହା କରିବାକୁ ଚେଷ୍ଟା କରୁଛନ୍ତି । ବଜାର କହିଛି ଯେ ସେମାନେ ଖେଳିବା ଉଚିତ, ତେଣୁ ସେମାନେ ଖେଳୁଛନ୍ତି । ସରକାର କହିଛନ୍ତି ଯେ ଖେଳ ସମୟରେ ବନ୍ଧୁତା ପ୍ରଦର୍ଶନ ହେବା ଉଚିତ୍ ନୁହେଁ, ତେଣୁ ଉଭୟ ପକ୍ଷର ଖେଳାଳିମାନେ ଶତ୍ରୁତା ପ୍ରଦର୍ଶନ କରୁଛନ୍ତି । ଏଠାରେ ପ୍ରଶ୍ନ ଖେଳାଳି କିମ୍ବା ସେମାନଙ୍କ ପରିଚାଳକଙ୍କୁ ନୁହେଁ, ବରଂ ସେମାନଙ୍କ ରାଜନୈତିକ ମାଲିକଙ୍କୁ ପଚରାଯିବା ଉଚିତ । ଏ ପରିପ୍ରେକ୍ଷୀରେ ଗୁଲଜାରଙ୍କ ଅମର ପଙ୍କ୍ତି, 'ପ୍ୟାର କୋ ପ୍ୟାର ହି ରହନେ ଦୋ, କୋଇ ନାମ ନା ଦୋ'(ପ୍ରେମକୁ ପ୍ରେମ ହୋଇ ରହିବାକୁ ଦିଅ, ଏହାକୁ କୌଣସି ନାମ ଦିଅ ନାହିଁ)ର ଆତ୍ମାରେ, ସେମାନଙ୍କୁ କହିଦେବା ଉଚିତ : 'କ୍ରିକେଟ୍ ?କୁ ଏକ ଖେଳ ହୋଇ ରହିବାକୁ ଦିଅ, ଏହାକୁ ଅନ୍ୟ କୌଣସି କାମ ଦିଅ ନାହିଁ ।'

## ସୁଖର ସନ୍ଧାନେ

ମଣିଷ ସୁଖୀ ହେବାକୁ ଚାହେଁ କିନ୍ତୁ ସବୁ କ୍ଷେତ୍ରରେ ସବୁ ଦୃଷ୍ଟିରୁ ସର୍ବତୋଭାବେ ସୁଖୀ ହୋଇପାରେ ନାହିଁ । ମଣିଷ ଯାହା ଚାହୁଁଛି ତାହା ହାସଲ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଛି । ତେବେ ସୁଖୀ ହୋଇପାରିବ ନାହିଁ କାହିଁକି ? କ'ଣ ତ ଚାହିଁବାଟା ଦୁର୍ବଳ ଚାହିଁବା ବା ବାରମ୍ବାର ବିଫଳ ହୋଇସାରିବା ପରେ ତା'ର ମନବଳ ଭାଙ୍ଗି ଯାଉଛି । ବିଫଳ ହେବା ମଧ୍ୟ ଗୋଟିଏ ଭଲ ଶିକ୍ଷା । ସେ ଜାଣିପାରୁଥିବ ଯେ ସୁଖୀ ହେବା ତା'ହାତ ମୁଠାରେ ନାହିଁ । ଏବେ ଅନ୍ତତଃ ପକ୍ଷେ ସେ ଅନୁସନ୍ଧାନ କୁ ଯେ ବିଫଳତାର କାରଣ କ'ଣ ? ଏ ସମୟର ସର୍ବୋଚ୍ଚ ଜ୍ଞାନ ସମ୍ପନ୍ନ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କର ଉତ୍ତର ପୁରାପୁରି ଠିକ୍ ଭଳି ମନେହୁଏ । ତାଙ୍କ ଶିକ୍ଷାକୁ କାମରେ ଲଗାଇଲେ ତାହା କେତେ ପ୍ରଭାବଶାଳୀ ଆମେ ଉପଲବ୍ଧି କରିପାରିବା । ମଣିଷ ଭାବିଥାଏ ସେ ଯାହା ଚାହିଁଛି ତାହା ପାଇଗଲେ ସେ ଖୁସି ହେବ । ସେ କିଛି ପାଏ ନାହିଁ ବୋଲି କହି ହେବନାହିଁ । ଆମର ଇଚ୍ଛା କିଛି ହେଲେ ପୂରଣ ହୋଇନାହିଁ ବୋଲି ଆମେ କେବେ କହିପାରିବା ନାହିଁ । ନିଶ୍ଚିତ ଭାବେ କିଛି ଇଚ୍ଛା ପୁରଣା ହୋଇଛି । ତଥାପି ଜଣେ ନିଜକୁ ସୁଖି ବୋଲି ଘୋଷଣା କରିପାରେ ନାହିଁ । କାରଣ କିଛି ଇଚ୍ଛା ପୁରଣ ହୋଇଗଲା ମାତ୍ରେ ଖୁସିରେ ଆଉ ସେତିକି ଇଚ୍ଛା ପୁରଣ ହେବା ଆଶାରେ ତିଆରି ହୋଇଯାଆନ୍ତି । ମଣିଷ ଯାହା ସବୁ ଇଚ୍ଛା ସେଗୁଡ଼ିକ ଶାଶ୍ୱତ ବସ୍ତୁ ବା ପଦାର୍ଥ ନୁହେଁ । ତାହା କିପରି ଆମକୁ ଶାଶ୍ୱତ ସୁଖ ଦେଇପାରନ୍ତା ? ତେଣୁ ସେଗୁଡ଼ିକ ମିଳିଗଲେ ମଧ୍ୟ କ୍ଷଣିକ ସୁଖ ପ୍ରଦାନ କରି ଅତିଶୀଘ୍ର ନିଜର ସାମାନ୍ୟ ସାମର୍ଥ୍ୟର ପରିଚୟ ପ୍ରଦାନ କରି ଉଭେଇଯାଆନ୍ତି । ମଣିଷକୁ ପୁନଶ୍ଚ ଅସୁଖି କରି ଦିଅନ୍ତି । ମଣିଷ ଏହା ଉପଲବ୍ଧି କରେ ଏବଂ କୌଣସି ଦୀର୍ଘସ୍ଥାୟୀ ସୁଖପ୍ରଦାନ କଲାଭଳି ବସ୍ତୁ ବା ପଦାର୍ଥ ଆଶାରେ ଜୀବନ ବିତାଏ । କିଛି ଦିନ ପରେ ସେ ଅନୁଭବ କରେ ଯେ ଦୀର୍ଘସ୍ଥାୟୀ ସୁଖଟା, ଚିରସ୍ଥାୟୀ । ସେତେବେଳେ ସେ ଭାବେ ଚିରସ୍ଥାୟୀ ବସ୍ତୁ ହିଁ ଚିରସ୍ଥାୟୀ ସୁଖ ପ୍ରଦାନ କରିପାରେ । ଧୀରେ ଧୀରେ ତାହାର ଜ୍ଞାନ ଉଦୟ ହୁଏ ଏବଂ ସେ ବୁଝିପାରେ ଯେ ସଂସାରରେ ଦେଖାଯାଉଥିବା କୌଣସି ପଦାର୍ଥ ଚିରସ୍ଥାୟୀ ସୁଖ ଦେଇପାରନ୍ତି ନାହିଁ କାରଣ ସେଗୁଡ଼ିକ ନିଜେ ଚିରସ୍ଥାୟୀ ନୁହନ୍ତି । ଏହିଭଳି ଅନୁସନ୍ଧାନ କରୁ କରୁ ସେ ଜାଣିପାରେ ସେ ସ୍ଥାୟୀ ସୁଖ ଖୋଜିବା ଏକ ବ୍ୟର୍ଥ ପ୍ରୟାସ । କିନ୍ତୁ କେତେକ ଉଚ୍ଚତର ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ କହନ୍ତି, ନା, ନା ଏଥିରେ ହତାଶ ହେବାର ନାହିଁ । ଚିରସ୍ଥାୟୀ ସୁଖ ମିଳିବାର ଉପାୟ ଅଛି । ତାହାକୁ ଆପଣାଇଲେ ସୁଖ ସମ୍ଭବ । ଗୀତାଜ୍ଞାନ ଅନୁସାରେ 'ଅନିତ୍ୟଂ ଅସୁଖଂ ଲୋକେ ମେମ୍ ପ୍ରାପ୍ୟ ଭଜସ୍ୱ ମାସ୍' । ଅର୍ଥାତ୍ ଏ ସଂସାରଟା ଅନିତ୍ୟ ଓ ଅସୁଖପୂର୍ଣ୍ଣ, ଯଦି ସୁଖ ଚାହୁଁଛ ଭଗବାନଙ୍କୁ ଭଜ ବା ଖୋଜ । କାରଣ ଏଠାରେ ନିତ୍ୟ ବା ଚିରସ୍ଥାୟୀ ବସ୍ତୁ ଏକମାତ୍ର ଭଗବାନ । ଭଗବାନଙ୍କୁ ଖୋଜାଯାଏ ନିରବତା ମାଧ୍ୟମରେ । ନିରବପର ଗଭୀରତମ ପ୍ରଦେଶରେ ଭଗବାନଙ୍କ କଣ୍ଠସ୍ୱର ଶୁଣାଯାଇଥାଏ । ତାଙ୍କ ନିର୍ଦ୍ଦେଶ ମିଳିଥାଏ ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




## ମାଫିଆଙ୍କ ନଜର ରେଳ ସମ୍ପତି ଉପରେ, ଆରପିଏଫର ସହଯୋଗରେ ହେଉଛି ସମ୍ପତି ଅକ୍ତିଆର



ରାଉରକେଲା,୧୩/୧୦(ନି/ପ୍ର): ବନ୍ଦମୁଣ୍ଡା ଏସିଆର ଦ୍ୱିତୀୟ ବୃହତମ ରେଳ ୟାର୍ଡ ହୋଇଥିବା ଏଠାରେ ଡିଜେଲ ଏବଂ ଇଲେକ୍ଟ୍ରିକ୍ ଲୋକୋ ସେଡ୍ ସହିତ ଆରପିଏଫର କ୍ଷେତ୍ରାଧିକାର ଅଧୀନରେ ଅନେକ ରେଳ ସାଇଡିଂ ରହିଛି। ଏହାର ସୁରକ୍ଷା ପାଇଁ ପ୍ରସିଦ୍ଧ ଏହି ଅଂଚଳ ଏବେ ସ୍କ୍ରାପ୍ ଚୋରାଚାଲାଣ ଏବଂ ଦୁର୍ନୀତି ପାଇଁ କୁଖ୍ୟାତ ହୋଇପଡୁଛି। ଆରପିଏଫ କନଷ୍ଟେବଳ ମହମ୍ମଦ ଅସରାରଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ଉଇଓ) ଦ୍ୱାରା ଲାଂଚ ନେବା ସମୟରେ ଧରାପଡ଼ିବା ଘଟଣା ଏହି ଗଭୀର ନେଟୱାର୍କକୁ ପର୍ଦ୍ଦାଫାସ କରିଛି। ମିଳିଥିବା ସୂତ୍ର ଅନୁସାରେ, ସ୍କ୍ରାପ୍ ମାଫିଆ, ଦଲାଲ ଏବଂ କିଛି ଆରପିଏଫ୍ କର୍ମଚାରୀଙ୍କ ମଧ୍ୟରେ ବର୍ଷ ବର୍ଷ ଧରି ସମ୍ପର୍କ ରହିଛି। କିଛି ସ୍ଥାନୀୟ ମଧ୍ୟସ୍ଥି ଏଥିରେ ମିଶି ମାଫିଆ ଏବଂ ଆରପିଏଫ୍ ମଧ୍ୟରେ ସମ୍ପର୍କ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଉଭୟ ପାର୍ଶ୍ୱରୁ ଟଙ୍କା ଆଦାୟ କରୁଛନ୍ତି। ସୂତ୍ରରୁ ଜଣାଯାଇଛି ଯେ ଆରପିଏଫର ସହଯୋଗରେ, ୟାର୍ଡରୁ ଲୁହା ସ୍କ୍ରାପ୍ ଚୋରି ଏବଂ ପରିବହନ କରିବା ଅତ୍ୟନ୍ତ ସହଜ ହୋଇଯାଇଛି। ଏଥିରେ ଯେତେବେଳେ ଏକ ଚୁକ୍ତି ଭୁଲ ହୋଇଯାଏ ସ୍କ୍ରାପ୍ ମାଫିଆ ସେହି କର୍ମଚାରୀମାନଙ୍କୁ ଟାର୍ଗେଟ କରନ୍ତି। ଯେଉଁମାନେ ସେମାନଙ୍କ ଚାପ ଆଗରେ ନତମସ୍ତକ ହେବାକୁ ମନ କରନ୍ତି ନାହିଁ, ସେମାନଙ୍କୁ ନୂତନ ଅଧିକାରୀମାନଙ୍କ ଦ୍ୱାରା ବଦଳାଇ (ଟ୍ରାନ୍ସଫର) କରିଦିଆଯାଏ। ଏହି ରାକେଟ୍ ରେଳ ସୁରକ୍ଷା ବ୍ୟବସ୍ଥାରେ ମଧ୍ୟ ପ୍ରବେଶ କରିଛି। ଏବେ କେବଳ ସ୍କ୍ରାପ୍ ମାଫିଆଙ୍କ ବିରୋଧରେ ନୁହେଁ, ଏହି ସମ୍ପର୍କରେ ଲିଙ୍କ୍ ରଖିଥିବା କର୍ମଚାରୀ ଏବଂ ଦଲାଲଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଚୋରି ହୋଇଥିବା ରେଳ ଲୁହାର ଏକ ବଡ଼ ଅଂଶ ବେଦବ୍ୟାସରେ ଥିବା କାରଖାନାଗୁଡ଼ିକରେ ତରଳାଯାଉଥିବା ସୂଚନା ମିଳିଛି। ବନ୍ଧମୁଣ୍ଡା ଏବଂ ରାଉରକେଲାରେ ରେଳ ଲାଇନ କାଟିବା କାମ ନିରନ୍ତର ଚାଲିଛି। ରାଉରକେଲାରେ ଲେଦ ସାହାଯ୍ୟରେ ରେଳ ଲାଇନ୍ କାଟିବା ଯୋଗୁଁ ଏହି ବେଆଇନ ବ୍ୟବସାୟକୁ ପ୍ରୋତ୍ସାହିତ କରୁଛି। ଜଣେ ବ୍ୟକ୍ତିଙ୍କ ସମ୍ପ୍ରତି ଗିରଫଦାରୀ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ପାନପୋଷ ବଜାରରେ ଭୟାବହ ଅଗ୍ନିକାଣ୍ଡ



ରାଉରକେଲା,୧୩/୧୦(ନି/ପ୍ର): ରବିବାର ବିଳମ୍ବିତ ରାତିରେ ପାନପୋଷ ବଜାରରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଅଂଚଳରେ ଆତଙ୍କ ଖେଳିଯାଇଛି। ରାତି ପ୍ରାୟ ୧୦ଟା ୪୫ ମିନିଟ୍ ସମୟରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟି ଅନେକ ଫଳ ଦୋକାନକୁ ଗ୍ରାସ କରିଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚିଥିଲା ବେଳେ ଅଗ୍ନିଶମ ବାହିନୀ ପହଚିଂବାରେ ସାମାନ୍ୟ ବିଳମ୍ବ ଯୋଗୁଁ ନିଆଁ ଆହୁରି ବ୍ୟାପିବାକୁ ଲାଗିଥିଲା। ନିଆଁ ତୀବ୍ର ହେବା ସହିତ ଘଟଣାସ୍ଥଳରେ ବହୁ ସଂଖ୍ୟାରେ ଲୋକ ଜମା ହୋଇଯାଇଥିଲେ। ଅଗ୍ନି ବ୍ୟାପିବା ଫଳରେ କିଛି ସମୟ ପାଇଁ ପରିସ୍ଥିତି ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିଥିଲା। ଅଗ୍ନିକାଣ୍ଡର ସଠିକ୍ କାରଣ ଅସ୍ପଷ୍ଟ ରହିଛି। ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ବାହିନୀ ଏବଂ ଓଡିଶା ସରକାରଙ୍କ ଅଗ୍ନିଶମ ବିଭାଗ ପକ୍ଷରୁ ଦମକଳବାହିନୀ ଘଟଣା ସ୍ଥଳରେ ପହଚିଂ ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ନିଆଁ ଲାଗିବାର ବିଭିନ୍ନ କାରଣ ଅନୁମାନ କରାଯାଉଛି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି ଏବଂ କ୍ଷୟକ୍ଷତିର ପରିମାଣ ଆକଳନ କରାଯାଉଛି। ଏହି ଅଗ୍ନିକାଣ୍ଡରେ ଫଳ ଦୋକାନୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଗ୍ନିଶମ ବାହିନୀ ବିଳମ୍ବରେ ପହଚିଂବା ଯୋଗୁଁ ସ୍ଥାନୀୟ ଦୋକାନୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ମା'କୁ ମାରୁଥିବାରୁ କାକାର ପ୍ରାଣ ନେଲା ପୁତୁରା

ସୁନ୍ଦରଗଡ଼,୧୩/୧୦(ନି/ପ୍ର): ୧୦ ତାରିଖ ରାତିରେ ସୁନ୍ଦରଗଡ଼ ସଦର ଥାନା କିରେଇ ପଚାଂୟତ କାର୍ଯ୍ୟାଳୟ ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଥିଲା। ମୁଣ୍ଡକୁ କୌଣସି ଓଜନିଆ ଜିନିଷରେ ଛେଚି ଦିଆଯାଇଥିବାରୁ ମୁହଁ ଚିହ୍ନି ହେଉନଥିଲା। ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତା ନୂତନ ସାମଦ, ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର ଓ ସଦର ଥାନା ଅଧିକାରୀ ସୁସ୍ମିତା ଦେବତା ଘଟଣାସ୍ଥଳରେ ତଦନ୍ତ କରି ମୃତକଙ୍କ ପରିଚୟ ଓ ହତ୍ୟା ପଛର କାହାଣୀ ସାମନାକୁ ଆଣିଛନ୍ତି। ବାଉଁଶ ବାଡ଼ିରେ ପିଟିପିଟି ଅତି ନିର୍ମମ ଭାବେ ନିଜ କାକାକୁ ହତ୍ୟା କରିଛି ପୁତୁରା। ମୃତକ ହେଲେ କିରେଇ ଗ୍ରାମର ସଚୀନ୍ଦ୍ର ନାଏକ (୫୫), ଅଭିଯୁକ୍ତ ବିଶାଳ ନାଏକ (୨୩)। ଘରୋଇ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି।

## ସତଭାବନା ଲକ୍ଷେଘର ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ୍



ରାଉରକେଲା,୧୩/୧୦(ନି/ପ୍ର): ସତଭାବନା ଲକ୍ଷେଘର ସମାଜ ରାଉରକେଲାର ରୌପ୍ୟ ଜୟନ୍ତୀ ଉପଲକ୍ଷେ ନୂଆଁଖାଇ ଭେଟଘାଟ ସିଭିକ ସେଂଟର୍ ଠାରେ ରବିବାର ସନ୍ଧ୍ୟାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ପ୍ରଦୀପ ସୁରଝଲିଆଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ଅଶ୍ୱିନୀ କୁମାର ଶାସିନୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆରଏସପିର ସିଜିଏମ କୌଶିକ ସୁନ୍ୟାନୀ, ସହର ସେବା ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ତପନ କୁମାର କାନେକର ଓ ମୁଖ୍ୟବକ୍ତା ଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇଥିଲେ। ଅତିଥି ଦ୍ୱୟ ସେମାନଙ୍କ ବକ୍ତବ୍ୟରେ ଅନୁଷ୍ଠାନର ନୂଆ ଖାଇ ଭେଟଘାଟ ଏକ ଅନନ୍ୟ କାର୍ଯ୍ୟକ୍ରମ ତଥା ଭାଇଚାରା ବଜାୟ ରଖିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ରଘୁନାଥପାଲ୍ଲୀ ବିଧାୟକ ଶ୍ରୀ ତନ୍ତୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ତ୍ୟାଗ ଓ ସମର୍ପଣ ହେଉଛି ଆମ ପରମ୍ପରା। ଏହି ସଂସ୍କୃତି ଆମକୁ ଏକାଠି କରିଛି। ଆମ ଭାଷା ଓ ବେଶଭୂଷାକୁ ନେଇ ଆମେ ଗର୍ବିତ। ଏହାସହ ପ୍ଲାଷ୍ଟିକ ବ୍ୟବହାରରକୁ ହ୍ରାସ, ପରିବେଶ ରକ୍ଷା ପାଇଁ ବୃକ୍ଷରୋପଣ, ପହଁରା ଜାଣିନଥିବା ବ୍ୟକ୍ତି ନଦୀରେ ଗାଧୋଇବା, ସମାଜ ପ୍ରତି ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁଶୀଲ କଟାଂ, ରାଜଶ୍ରୀ ଗନ୍ଧା ଓ ଗୃପ ସ୍ୱାଗତ ସଂଗୀତ ଓ ଶୃତିମୟୀ ବାଙ୍କ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କିଛି ଦିବଙ୍ଗତ ସଦସ୍ୟଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା ବେଳେ ସମାଜର ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ପ୍ରାକ୍ତନ କର୍ମକର୍ତ୍ତା, ଶିକ୍ଷାରେ ଉତ୍କର୍ଷତା, ବିଭିନ୍ନ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ ସିଆରପିଏଫ୍ ଡିଆଇଜି ଦୟାନିଧି ତନ୍ତୀ, ପ୍ରାକ୍ତନ ଏନ୍ଆଇଟି ପ୍ରଫେସର ଡ଼ଃ ହୃଷୀକେଶ ନାଏକ, ମଥୁରା ତନ୍ତୀ ତଥା ଅନ୍ୟାନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସଭାପତି ଅଶୋକ କୁମାର ବୁଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାମ୍ପ ଶୋ, ସମ୍ବଲପୁରୀ ନୃତ୍ୟ, ଲୋକସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଛଟ୍ ପୂଜା ପାଇଁ ବିହାରୀ ଯୁବ ମଚଂର ପ୍ରଶାସନକୁ ପତ୍ର



ରାଉରକେଲା,୧୩/୧୦(ନି/ପ୍ର): ସହରର ବିହାରୀ ଯୁବ ମଚଂର ଛଟ ପୂଜା ପାଳନ ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ଘାଟ ପ୍ରସ୍ତୁତି ସହିତ ପୋଲିସ୍ ପ୍ରଶାସନ ପକ୍ଷରୁ ପୋଲିସ୍ ବ୍ୟବସ୍ଥା ଉପଲବ୍ଧ କରାଯିବା ପାଇଁ ଅନୁରୋଧ କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୨୭ ଏବଂ ୨୮ ତାରିଖରେ ଛଟ ପୂଜା ଉତ୍ସବ ପାଳନ କରାଯିବ। ଛଟ ପୂଜା ହେଉଛି ବିହାରୀ ସମ୍ପ୍ରଦାୟର ସବୁଠାରୁ ପ୍ରମୁଖ ପର୍ବ। ଏହି ପର୍ବରେ ହଜାର ହଜାର ଭକ୍ତ ଯୋଗଦାନ କରନ୍ତି। ପ୍ରତ୍ୟେକ ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ସହିତ ପରଦିନ ସୂର୍ଯ୍ୟୋଦୟ ସମୟରେ ଅର୍ଘ୍ୟ ଅର୍ପଣ ସହିତ ପୂଜା ଅର୍ଚ୍ଚନା କରିଥାନ୍ତି। ଅକ୍ଟୋବର ୨୭ ତାରିଖ ଏବଂ ୨୮ ତାରିଖ ଛଟ ପୂଜା ଆୟୋଜନ ହେଉଥିବାରୁ, ବିହାରୀ ଯୁବ ମଚଂ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ବିହାରୀ ଯୁବ ମଚଂ ପକ୍ଷରୁ ମହାନଗର ନିଗମ ଅଧିନରେ ଥିବା ୧୩ଟି ଘାଟ ସମେତ ସହର ବାହାରେ ଥିବା ଦୁଇଟି ଘାଟକୁ ଛଟ ପୂଜା ପାଇଁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏଥିସହିତ ରାଉରକେଲାର ସମସ୍ତ ୧୫ଟି ଘାଟରେ ପାଳିତ ହେବାକୁ ଥିବା ଛଟ ପୂଜା ପାଇଁ ପୋଲିସ ନିୟୋଜିତ କରିବାକୁ ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରାଯାଇଛି। ଏହି ୧୫ଟି ଘାଟ ମଧ୍ୟରେ ରହିଛି ରେଳ କଲୋନୀ ଘାଟ, ହୋଟେଲ ସନ୍ତୋଷ ପୋଖରୀ, ପାନପୋଷର ହାଡପୋକା ଘାଟ, ପାନପୋଷର ପାଢୀ କଲୋନୀ ଘାଟ, ପାନପୋଷର ବାଲୁ ଘାଟ, ପାନପୋଷ ରୁପୁଟୋଲା ଘାଟ, ପାନପୋଷର ହନୁମାନ ଘାଟ, ଝିରପାଣି ଘାଟ, ବନ୍ଧମୁଣ୍ଡା 'ବି' ସେକ୍ଟର ଘାଟ, ତିଳକାନଗର ଘାଟ, କୋଏଲା ଗେଟ୍‌ଘାଟ, ଜିତେନ୍ଦ୍ରମଣ୍ଡଳ ଘାଟ, ତାରକେରା ଘାଟ, ବରକାନି ଘାଟ ଏବଂ ସେକ୍ଟର-୧୬ ନଦୀ ଘାଟ। ରାଉରକେଲାର ବିହାରୀ ଯୁବ ମଚଂର ସଭାପତି ବ୍ରିଜେଶ ମାହାତୋଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳରେ ବିହାରୀ ଯୁବ ମଚଂର ସମ୍ପାଦକ ବବୁଲୁ ସାହୁ, ପିଙ୍କୁ ଜୈସ୍ୱାଲ, ରାହୁଲ ମହାନ୍ତି, ଅମିତ୍ କୁମାର ମଣ୍ଡଳ, ବିକାଶ ଜେନା, ଲାଲା ସିଂହ, ବବଲୁ ଚୌରାସିଆ ପ୍ରମୁଖ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ପଶ୍ଚିମାଂଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ଏ ବିଷୟରେ ପତ୍ର ଲେଖି ଅନୁରୋଧ କରିଛନ୍ତି।

## ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ




ରାଉରକେଲା,୧୩/୧୦(ନି/ପ୍ର): ସହରର ଉଦିତନଗର ମିନି ଷ୍ଟାଡିୟମରେ ଆଦିବାସୀ ୟୁଥ୍ କ୍ଲବ ଦ୍ୱାରା ଆରମ୍ଭ ହୋଇଥିବା ନକଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି। ଆଜିର ଫାଇନାଲ୍ ମ୍ୟାଚ୍ ଜୋବାଘାଟ ପାନପୋଷ ଏବଂ ରୟାଲ୍ ବନ୍ଧମୁଣ୍ଡା ମଧ୍ୟରେ ଖେଳାଯାଇଥିଲା। ଏହି ଅବସରରେ ଅତିଥି ଭାବରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ସମାଜସେବୀ ନରେଶ ଅଗ୍ରୱାଲ, ଗଣେଶ ଜୟସ୍ୱାଲ, ଅଶୋକ କାଡୁଲୋନା, ରମେଶ ଅଗ୍ରୱାଲ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ମ୍ୟାଚ୍ ପାଇଁ ମିନି ଷ୍ଟାଡିୟମରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆଜି ଜୋବାଘାଟ ପାନପୋଷ ଏବଂ ରୟାଲ୍ ବନ୍ଧମୁଣ୍ଡାର ଖେଳାଳିମାନେ ଫାଇନାଲ୍ ମ୍ୟାଚରେ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିଥିଲେ। ଏହି ଫାଇନାଲ୍ ମ୍ୟାଚରେ ବିଜୟୀ ଦଳକୁ ୧ ଲକ୍ଷ ଟଙ୍କା ନଗଦ ଏବଂ ରନର୍ସଅପ୍ ଦଳକୁ ୭୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅତିଥି ଶାରଦା ପ୍ରସାଦ ନାୟକ କହିଥିଲେ ଯେ ରାଉରକେଲା ସୁନ୍ଦରଗଡ଼ ଜିଲ୍ଲାକୁ ହକିର ଗଡ଼ ଭାବରେ ବିବେଚନା କରାଯାଏ। ଆଦିବାସୀ ୟୁଥ୍ କ୍ଲବ ଦ୍ୱାରା ଆଜି ଆୟୋଜିତ ଏହି ନକଆଉଟ୍ ଫୁଟବଲ୍ ମ୍ୟାଚ୍ ଯୁବ ଖେଳାଳିମାନଙ୍କୁ ପ୍ରେରଣା ଦେଉଛି ଯେ ଫୁଟବଲ୍ ମଧ୍ୟ ଯୁବପିଢ଼ିଙ୍କ ପ୍ରତିଭା। ଏହି ଖେଳରେ ଅଂଶଗ୍ରହଣ କରିଥିବା ଯୁବ ଖେଳାଳିମାନେ ଆଗାମୀ ଦିନରେ ରାଜ୍ୟ ଏବଂ ଦେଶ ପାଇଁ ଏକ ମହାନ ଶକ୍ତି ହେବେ। ଯୁବପିଢ଼ିଙ୍କ ଏହି ଖେଳ ରାଜ୍ୟକୁ ପ୍ରତିଭା ଦେବା ସହିତ ସେମାନଙ୍କର ଲୁକ୍କାୟିତ ପ୍ରତିଭାକୁ ପ୍ରକାଶ କରିବ। ଏହା ରାଉରକେଲା ସହର ଏବଂ ରାଜ୍ୟର ଗୌରବ ଆଣିବା ପାଇଁ ପ୍ରେରଣା ଦେଉଛି। ଆଜି ଏହି ମ୍ୟାଚ୍ ମାଧ୍ୟମରେ, ବିଧାୟକ ଶ୍ରୀ ନାୟକ ଆଦିବାସୀ ୟୁଥ୍ କ୍ଲବର ମହିଳା ଏବଂ ଯୁବକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଦେଇଥିଲେ। ଏଥିସହିତ ଖେଳର ଦାତାମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନରେଶ ଅଗ୍ରୱାଲ କହିଥିଲେ ଯେ ଏହି ଫୁଟବଲ୍ ମ୍ୟାଚ୍ ଆଦିବାସୀ ଯୁବ କ୍ଲବ ଦ୍ୱାରା ଆୟୋଜନ କରାଯାଇଛି, ଏଥିପାଇଁ ଯେତେ ପ୍ରଶଂସା କଲେ ମଧ୍ୟ ଯଥେଷ୍ଟ ହେବ ନାହିଁ। ଆଗାମୀ ଦିନରେ, ଏହି ପ୍ରକାରର ଖେଳକୁ ଆହୁରି ଆଗକୁ ନେବା ପାଇଁ ଆମ ପକ୍ଷରୁ ସମସ୍ତ ପ୍ରକାରର ପ୍ରୟାସ କରାଯିବ। ଆମେ ଯଥାସମ୍ଭବ ସହଯୋଗ କରିବୁ ଏବଂ ସେମାନଙ୍କ ସହିତ ଠିଆ ହେବୁ। ଆଜି, ଏହି ମ୍ୟାଚରେ ରୟାଲ୍ ମେକ୍ ବନ୍ଧମୁଣ୍ଡା ପେନାଲ୍ଟି କର୍ଣ୍ଣର ରେ ୫ଟି ଗୋଲ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଜୋବାଘାଟ ପାନାପୋଷ ଚାରି ଗୋଲ୍ କରିପାରିଥିଲେ। ବିଜୟୀ ଦଳ ରୟାଲ୍ ବନ୍ଧମୁଣ୍ଡାକୁ ସିଲ୍ ଏବଂ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଜୋବାଘାଟ ପାନପୋଷ ରନରସଅପ୍ ଦଳକୁ ୭୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ତୃତୀୟ ଏବଂ ଚତୁର୍ଥ ଦଳକୁ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ମ୍ୟାଚରେ ଆଦିବାସୀ ଯୁବ କ୍ଲବର ସଭାପତି ଲୁଦଇ ଓରାମ, ଉପସଭାପତି ଚାନ୍ଦୁ ଓରାମ, ସମ୍ପାଦକ ଅଜୟ ଓରାମ, ନଗର ସମ୍ପାଦକ ଅନୁପ ତିର୍କୀ, ଅରବିନ୍ଦ ଶର୍ମା, ବିନୋଦ ସାହୁ, ଦୀପୁ ପ୍ରସାଦ ଉପସ୍ଥିତ ଥିଲେ। ନୀତିଶ ସାହୁ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଯୋଗଦାନ ଦେଇଥିଲେ ଏବଂ ଆଜି ଫାଇନାଲ ମ୍ୟାଚ ପାଇଁ ମିନି ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

## ସବୁଜ ୟୁଥ୍ କ୍ଲବ୍‌ର ରକ୍ତଦାନ ଶିବିର

ଭଦ୍ରକ,୧୩/୧୦(ନି/ପ୍ର): ଭଦ୍ରକ ଜିଲ୍ଲା କେନ୍ଦୁଆପଦା ସବୁଜ ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ୍ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ନାଆମି ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଷେଣ୍ଡତିରା ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକ, ଶିକ୍ଷାବିତ୍ କୃପାସିନ୍ଧୁ ସେଠୀ, କ୍ଲବ୍ ସଭାପତି ଅକ୍ଷୟ କୁମାର ଦାସ, ସମ୍ପାଦକ ଅଶୋକ କୁମାର ରାଉତ୍ ପ୍ରମୁଖ ଉପସ୍ଥିତ ରହି ଶିବିର ଆୟୋଜନ ଉପରେ ମତ ରଖିଥିଲେ। ଭଦ୍ରକ ରକ୍ତ ଭଣ୍ଡାରର ତରଣିସେନ ଜେନା, ଦେବେନ୍ଦ୍ର ବିଶ୍ୱାଳ, ମାନସ ପଣ୍ଡା, କାଉଁସିଲର ଜାଞ୍ଜସେନୀ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ଆରଏସପି ପକ୍ଷରୁ "ବର୍ଜ୍ୟରୁ ଐଶ୍ୱର୍ଯ୍ୟ" ଜୈବିକ କୃଷି ପର୍ଯ୍ୟବେଶିତ ସିଏସଆର ପ୍ରକଳ୍ପ ନିମନ୍ତେ ଏନଆଇଟି, ରାଉରକେଲା ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ



ରାଉରକେଲା,୧୩/୧୦(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଏହାର ଏକ ପ୍ରମୁଖ ସିଏସଆର ପଦକ୍ଷେପ ଅଧୀନରେ ସ୍ଥାୟୀ କୃଷି ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଢକ୍ତଙ୍କଙ୍କ୍ସ୍ପ;ବର୍ଜ୍ୟ ରୁ ଐଶ୍ୱର୍ଯ୍ୟ– ବିଶେଷକରି ଆରଏସପିର ପାର୍ଶ୍ୱାଂଚଳ ମହିଳା ଚାଷୀଙ୍କ ନିମନ୍ତେ ସ୍ଥାୟୀ ଏବଂ ଅଭିନବ ଜୈବିକ କୃଷି କୌଶଳଢକ୍ତଙ୍କଙ୍କ୍ସ୍ପ; ଶୀର୍ଷକ ଏକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନଆଇଟି), ରାଉରକେଲା ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ସେଲ୍, ଆରଏସପି ପକ୍ଷରୁ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି. ଜି. କାନେକର ଏବଂ ଏନଆଇଟି, ରାଉରକେଲା ପକ୍ଷରୁ ଏସଆରଆଇସିସିଇ ବିଭାଗର ଡିନ୍ ପ୍ରଫେସର ସ୍ୱଦେଶ କୁମାର ପ୍ରତିହାର ଏହି ବୁଝାମଣାପତ୍ର ରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ସିଏସଆର ବିଭାଗର ଜିଏମ ଶ୍ରୀ ବିଭାବସୁ ମଲ୍ଲିକ ଙ୍କ ସମେତ ଏନଆଇଟି, ରାଉରକେଲାର ପ୍ରଫେସର ଆର. ସି. ପ୍ରଧାନ ଏବଂ ପ୍ରଫେସର ଡି. ସେଠ୍ ଏବଂ ସିଏସ୍‌ଆର୍ ବିଭାଗର ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ, ଶ୍ରୀ କାନେକର ନିଜ ବକ୍ତବ୍ୟରେ ଏନଆଇଟି ରାଉରକେଲା ସହିତ ମିଳିତ ସହଯୋଗ ତୃଣମୂଳ ସ୍ତରୀୟ କୃଷି ପଦ୍ଧତିରେ ବୈଜ୍ଞାନିକ ବିଶେଷଜ୍ଞତା ଏବଂ ନବସୃଜନ ଆଣିବ, ଯାହାଦ୍ୱାରା ମହିଳା ଚାଷୀଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି ପାଇବ ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ ଏହି ପ୍ରକାରର ପଦକ୍ଷେପ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସମ୍ପ୍ରଦାୟିକ ବିକାଶ ପ୍ରତି ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ବୋଲି ମତପ୍ରକାଶ କରିଥିଲେ। ୪୨.୮୩ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ଆୟ ସୃଷ୍ଟି ଓ ମହିଳା ଚାଷୀଙ୍କ ବିକାଶ ଏବଂ ଦକ୍ଷତା ବୃଦ୍ଧି ପାଇଁ ଆଜୀବିକା ସମ୍ବନ୍ଧୀୟ ଆରଏସପିର ସିଏସଆର ପ୍ରୟାସ ଅଧିନସ୍ଥ ରହିଛି। ସ୍ଥାୟୀ ଏବଂ ଅଭିନବ ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରି ରାଉରକେଲାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ମହିଳା ଚାଷୀମାନଙ୍କୁ ସଶକ୍ତ କରିବା ଏହାର ମୂଳ ଲକ୍ଷ୍ୟ। ଏହି ପ୍ରକଳ୍ପ ଅଧୀନରେ, ତିନି ବର୍ଷ ମଧ୍ୟରେ ମୋଟ ୬୦୦ ମହିଳା ଚାଷୀଙ୍କୁ ତାଲିମ ପ୍ରଦାନ କରାଯିବା ସହିତ ଏହି କାର୍ଯ୍ୟକ୍ରମରେ ଜିଆ ଖତ, ଜୈବ ସାର ଏବଂ ଜୈବ-କୀଟନାଶକ ପ୍ରସ୍ତୁତି, ଫସଲ ବିବିଧତା, ବିହନ ପରୀକ୍ଷା ନିରୀକ୍ଷା ପଛପଟ ରୋଷେଇ ଘର ଉଦ୍ୟାନର ବିକାଶ ଭଳି ସ୍ଥାୟୀ କୃଷି କୌଶଳ ଉପରେ ଧ୍ୟାନ ଦେଇ ହାତକୁ ତାଲିମ, ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଅନ୍ତର୍ଭୁକ୍ତ ହେବ। ଏହି ପ୍ରକଳ୍ପରେ ହିତାଧିକାରୀଙ୍କ ବ୍ୟବହାର ପାଇଁ ଆଇପିଡ଼ିରେ ଏକ ମୃତ୍ତିକା ପରୀକ୍ଷାଗାରର ବୃଦ୍ଧି ଏବଂ ବିକାଶ ମଧ୍ୟ ଅନ୍ତର୍ଭୁକ୍ତ ଅଟେ। ଜୈବ କୃଷିରେ ବୈଜ୍ଞାନିକ ହସ୍ତକ୍ଷେପ ଏବଂ ଗବେଷଣା ଓ ବିକାଶକୁ ସମନ୍ୱିତ କରିବା ସହ କୃଷି ଆବର୍ଜନାକୁ ମୂଲ୍ୟବାନ ଇନପୁଟରେ ପରିଣତ କରିବାର ଧାରଣାକୁ ପ୍ରୋତ୍ସାହିତ କରିବ - ଯାହାଦ୍ୱାରା ପ୍ରକୃତରେ ଢକ୍ତଙ୍କଙ୍କ୍ସ୍ପ; ବର୍ଜ୍ୟ ରୁ ଐଶ୍ୱର୍ଯ୍ୟ ଢକ୍ତଙ୍କଙ୍କ୍ସ୍ପ; ରୂପାନ୍ତରିତ ହେଉଛି ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ଆର ଏସ ପି ଏବଂ ଏନ ଆଇ ଟି ରାଉରକେଲା ମଧ୍ୟରେ ଏହି ସହଯୋଗ ପ୍ରୟାସ ନବସୃଜନ, ସ୍ଥାୟୀତ୍ୱ ଏବଂ ଗ୍ରାମୀଣ ମହିଳାମାନଙ୍କ ସଶକ୍ତିକରଣ ମାଧ୍ୟମରେ ସମାଜର ଉନ୍ନତି ପାଇଁ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ଉଦାହରଣ ସୃଷ୍ଟି କରିଛି।